


নিরপেক্ষ দৈনিক সম্বাদপত্র

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୪ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 July 2026

Vol.No. 36 ■ No.174 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


## ବଢ଼ିଲା ସୁନା ଓ ରୂପା ଦର

ନୂଆଦିଲ୍ଲୀ,୩/୭ : ଆଜି ପ୍ରାରମ୍ଭିକ କାରବାର ସମୟରେ ଘରୋଇ ସୁନା ବଜାର ଏହାର ବୃଦ୍ଧି ଧାରା ଜାରି ରଖିଛି । ଚେନ୍ନାଇ ବ୍ୟତୀତ, ମୂଲ୍ୟ ବୃଦ୍ଧି କାରଣରୁ ଆଜି ଦେଶର ଅନ୍ୟ ଅଧିକାଂଶ ସୁନା ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୨,୭୭୦ ଟଙ୍କା ବୃଦ୍ଧି ପାଇ ୩,୦୨୦ ଟଙ୍କାରେ ପହଞ୍ଚିଛି । ଚେନ୍ନାଇରେ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧୫୦୦ ଟଙ୍କାରୁ ବୃଦ୍ଧି ପାଇ ୧,୬୩୦ ଟଙ୍କାରେ ପହଞ୍ଚିଛି । ଆଜି ରୂପା ଦର ମଧ୍ୟ କିଲୋଗ୍ରାମ ପିଛା ୫ ହଜାର ଟଙ୍କା ବୃଦ୍ଧି ପାଇଛି ।ସୁନାର ମୂଲ୍ୟ ବୃଦ୍ଧି ହେତୁ ଆଜି ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୪୩,୭୯୦ ଟଙ୍କା ସ୍ତରରେ କାରବାର କରୁଛି, ଯାହା ୧୦ ଗ୍ରାମ ପିଛା ୧,୪୬,୧୯୦ ଟଙ୍କାରେ ପହଞ୍ଚିଛି । ସେହିଭଳି, ୨୨ କ୍ୟାରେଟ୍ ସୁନା ଆଜି ୧୦ ଗ୍ରାମ ପିଛା ୧,୩୧,୮୧୦ ଟଙ୍କାରୁ ୧,୩୪,୦୧୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ରୂପା ମୂଲ୍ୟରେ ବୃଦ୍ଧି ହେତୁ ଏହି ଚମକୁଥିବା ଧାତୁ ଆଜି ଦିଲ୍ଲୀ ସରାଫା ବଜାରରେ କିଲୋଗ୍ରାମ ପିଛା ୨୪୫,୧୦୦ ଟଙ୍କା ସ୍ତରରେ ବିକ୍ରି ହେଉଛି ।ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ଆଜି ୧୦ ଗ୍ରାମ ପିଛା ୧,୪୩,୯୪୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧,୩୧,୯୬୦ ଟଙ୍କା ରହିଛି ।

# ବିଦେଶରୁ ଓଡ଼ିଶାକୁ ପୁଞ୍ଜି ବର୍ଷା: ଜାପାନ ସହ ଐତିହାସିକ ଚୁକ୍ତି

ଭୁବନେଶ୍ୱର, ୦୩/୭ (ନି.ପ୍ର): ଦେଶରୁ ନୁହେଁ ଏଥର ବିଦେଶରୁ ଆସୁଛନ୍ତି ନିବେଶକାରୀ । ଗତକାଲି ୟୁଏଇ ସହ ଏମଓୟୁ ପରେ ଆଜି ଜାପାନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ରାଜ୍ୟ ସରକାର । ଅର୍ଥାତ୍ ବିଦେଶୀ ପୁଞ୍ଜି ନିବେଶର ସୁଅ ଛୁଟିଛି । ଉପକୂଳ ଓଡ଼ିଶାର ମୁଖଶାଳା କୁହାଯାଉଥିବା ପାରାଦୀପ ଓ ଗୋପାଳପୁରରେ ଗ୍ରୀନ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରିବ ଜାପାନ । ଯଦି ଏହା ସାକାର ହୁଏ ତାହେଲେ ଓଡ଼ିଶା ପୂର୍ବୋଦୟ ବିକାଶର ଗ୍ରୋଥ ଇଞ୍ଜିନ ପାଲଟିବ । ଓଡ଼ିଶାକୁ ଛୁଟୁଛି ବିଦେଶୀ ପୁଞ୍ଜି ନିବେଶର ସୁଅ । ୟୁଏଇର ଆଇଏଚସି କମ୍ପାନି ସହ ଚୁକ୍ତି ପରେ ଏବେ ଜାପାନି ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି ମୋହନ ସରକାର ।




ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ରାଜ୍ୟରେ ପୁଞ୍ଜି ନିବେଶ ନେଇ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜାପାନି କମ୍ପାନି ସହ ଐତିହାସିକ ଚୁକ୍ତି । ଗ୍ରିନ୍ ଏନର୍ଜି କ୍ଷେତ୍ରରେ ଜାପାନ କରିବ ପୁଞ୍ଜି ନିବେଶ । ପାରାଦୀପ ଓ ଗୋପାଳପୁରରେ ହେବ ୩ ମେଗା ପ୍ରକଳ୍ପ । ୬୭ ହଜାର କୋଟି ଟଙ୍କାର ନିବେଶ ପାଇଁ ଟାର୍ଗେଟ୍ । ଏହା କାର୍ଯ୍ୟକାରୀ ହେଲେ ୮ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ଗୋପାଳପୁରରେ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରିନ୍ ଆମୋନିଆ ପ୍ରକଳ୍ପ ହେବ । ଚୁକ୍ତି ସ୍ୱାକ୍ଷର ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରତିକ୍ରିୟା ଦେଇ କହିଛନ୍ତି । ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍'ରେ ପରିଣତ କରାଯିବ । ବନ୍ଦର ଭିତ୍ତିକ ସହ ପାରାଦୀପକୁ ସରକାର ସ୍ୱତନ୍ତ୍ର ଫୋକସରେ ରଖିଛନ୍ତି । ପୂର୍ବୋଦୟର ପ୍ରବେଶ ଦ୍ୱାର ହେବ ପାରାଦୀପ । ଜାପାନ ସଂସ୍ଥା ଦ୍ୱାରା ୩୪ ହଜାର କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ କରାଯିବ ।

◆◆ପୃଷ୍ଠା ୭

## ଖାଇକୁ ଖସିଲା ଯାତ୍ରୀବାହି ବସ୍: ୪୦ ମୃତ, ୮ ଆହତ

ନୂଆଦିଲ୍ଲୀ,୩/୭ : ଦକ୍ଷିଣ- ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଶୁକ୍ରବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି । ଯାତ୍ରୀମାନଙ୍କୁ ନେଇ ଯାଉଥିବା ବସ୍‌ଟି ଗଭୀର ଖାଇକୁ ଖସି ପଡ଼ିଥିଲା । ବସ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିବା କୁହାଯାଉଛି । ବସ୍‌ଟି କ୍ୱେଟାରୁ ଇସଲାମାବାଦ ଯାଉଥିଲା । ବସ୍‌ରେ ମୋଟ ୪୮ ଜଣ ଯାତ୍ରୀ ଥିବା ଜଣାପଡ଼ିଛି । ବଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ସହିଦ ରିନ୍ଦ କହିଛନ୍ତି ଯେ, ବଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱା ପ୍ରଦେଶ ସୀମା ନିକଟରେ ଥିବା ଏକ ଦୁର୍ଗମ ଅଞ୍ଚଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଏକ ଘାଟିରେ ଖସି ପଡ଼ିଥିଲା । ବସ୍‌ଟି କ୍ୱେଟାରୁ ୩୬ ଯାତ୍ରୀଙ୍କୁ ନେଇ ଆସୁଥିବାବେଳେ ରାସ୍ତାରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀ ଏହି ଗାଡ଼ିକୁ ଚାଲି ଆସିବା ଯୋଗୁ ଗାଡ଼ି ଭିତରେ ଅଧିକ ଗହଳି ହୋଇଯାଇଥିଲା । ରିନ୍ଦ କହିଛନ୍ତି, ଉଦ୍ଧାରକାରୀ ଦଳ ମୃତକଙ୍କୁ ଚିହ୍ନଟ କରୁଛି । ପାକିସ୍ତାନରେ ରାସ୍ତାଘାଟ ଖରାପ ହୋଇଥିବାରୁ ସଡ଼କ ଦୁର୍ଘଟଣା ସାଧାରଣ କଥା ହୋଇଥାଏ । ମେ ମାସରେ ଉତ୍ତର ପଶ୍ଚିମ ପାକିସ୍ତାନରେ ରାସ୍ତାରେ ଛିଡା ହୋଇଥିବା ଏକ ବସ୍ ସହିତ ମିନିବସ୍ ଧକ୍କାରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିଲା

◆◆ପୃଷ୍ଠା ୭

## ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା: ସହଯୋଗୀ ଓମ୍ ପ୍ରକାଶ ରାଉତର ହେଲା ଲାଏ ଡିଟେକସନ୍ ଟେଷ୍ଟ

ଭୁବନେଶ୍ୱର, ୦୩/୭ (ନି.ପ୍ର): ବହୁଚର୍ଚ୍ଚିତ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ହାତରେ ବଡ଼ ସୁରା । ଦୁଇ ମାସ ପରେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ତଦନ୍ତ । ସୌମ୍ୟଙ୍କ ବନ୍ଧୁ ଓମ୍ ପ୍ରକାଶ ରାଉତଙ୍କର ହୋଇଛି ଲାଇ-ଡିଟେକ୍ସନ ବା ମିଛଧରା ପରୀକ୍ଷା । ରାଜ୍ୟ ଫରେନ୍ସିକ ସାଇନ୍ସ ଲାବୋରେଟୋରୀରେ କଡ଼ା



ସୁରକ୍ଷା ମଧ୍ୟରେ ଓମ୍‌ଙ୍କୁ ସାମ୍ନା କରିବାକୁ ପଡ଼ିଛି ବିଶେଷଜ୍ଞଙ୍କ ପ୍ରଶ୍ନବାଣ । ଓମ୍‌ଙ୍କ ପରୀକ୍ଷା ପରେ ହତ୍ୟାକାଣ୍ଡର ଅସଲ ରହସ୍ୟ ଖୋଲିବ ବୋଲି ଆଶା କରାଯାଉଛି । ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚର ତଦନ୍ତ ନୂଆ ମୋଡ଼ ନେଇଛି ।

◆◆ପୃଷ୍ଠା ୭

## ମୌସୁମୀ ବର୍ଷାରେ ସ୍ଥିତି ବେହାଲ: ଗାଁଠୁ ସହର ସବୁଠି ଜଳବନ୍ଦୀ ସମସ୍ୟା

ଭୁବନେଶ୍ୱର, ୦୩/୭ (ନି.ପ୍ର): ବରଗଡ଼, ଢେଙ୍କାନାଳ, କନ୍ଧମାଳ, ସମ୍ବଲପୁର ସମେତ ସମସ୍ତ ଜିଲ୍ଲାରେ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଜାରି ରହିଛି ଲଗାଣ ବର୍ଷା । ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି ଜଳବନ୍ଦୀ ସମସ୍ୟା । ବରଗଡ଼ରେ ଜଳବନ୍ଦୀ ଅବସ୍ଥାରେ ପଡାବାସୀ, ଘରେ ଘରେ ଆଣ୍ଠୁଏ ପାଣି ପଶିଥିବା ବେଳେ ରୋଷେଇବାସ ସବୁ ଠପ୍ । କନ୍ଧମାଳ ବାଲିଗୁଡ଼ାରେ ଦୁଇ ଦିନ ଧରି ଲଗାଣ ବର୍ଷା ଫଳରେ ତଳିଆ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ଢେଙ୍କାନାଳ ସହର ସମେତ ଆଖପାଖ ଅଞ୍ଚଳରୁ ମଧ୍ୟ ସମାନ ଚିତ୍ର ସାମ୍ନାକୁ ଆସିଛି । କେବଳ ଗ୍ରାମାଞ୍ଚଳ ନୁହେଁ କଟକ, ଭୁବନେଶ୍ୱର, ସମ୍ବଲପୁର ଭଳି ବଡ଼ ବଡ଼ ସହରରେ ମଧ୍ୟ ସାମାନ୍ୟ ବର୍ଷା ଡ୍ରେନେଜ୍ ଭିତ୍ତିଭୂମି ବିପର୍ଯ୍ୟସ୍ତ ଅବସ୍ଥା ପଦାରେ ପଡ଼ିଛି । ଭୁବନେଶ୍ୱର ମହାନଗର ନିଗମ ଅଧୀନ ୪ ନମ୍ବର ୱାର୍ଡର ବୈଭବ ନଗରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ ।

## ଭୋଗରାଇରେ ଲେବର କାର୍ଡ ମହାଦୁର୍ନୀତି: ଆକ୍ସନ୍‌ରେ ଶ୍ରମ ବିଭାଗ, ସ୍ୱତନ୍ତ୍ର ଟିମ୍‌ର ତଦନ୍ତ

ବାଲେଶ୍ୱର, ୦୩/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ସରକାରୀ ପାଣ୍ଠି ହଡ଼ପର ଏକ ସାଂଘାତିକ ଚଞ୍ଚକତା ସାମ୍ନାକୁ ଆସିଛି । ମୃତ ବ୍ୟକ୍ତିଙ୍କ ନାଁରେ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ଓ ଲେବର କାର୍ଡ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍‌ର ଅଭିଯୋଗ ହୋଇଛି । ଗଣମାଧ୍ୟମରେ ଏହି ଖବର ପ୍ରସାରିତ ପରେ ଶ୍ରମ ବିଭାଗ ତତ୍ପରତା ଦେଖାଇଛି । ଯାଞ୍ଚ ପାଇଁ




ସ୍ୱତନ୍ତ୍ର ଟିମ୍ ଭୋଗରାଇରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ୍ୟୁ ପରେ ବି ସକ୍ରିୟ ଦଲାଲ୍ । ବାଲେଶ୍ୱର ଭୋଗରାଇ ବ୍ଲକରୁ ଆସିଛି ଏଭଳି ଏକ ଚାଞ୍ଚଲ୍ୟକର ଖବର, ଯେଉଁଠି ସରକାରୀ ତହବିଲ୍‌ରୁ ମୃତ୍ୟୁ ସହାୟତା ରାଶି ହାତେଇବା ପାଇଁ ଏକ ବଡ଼ ରାକେଟ୍ କାମ କରୁଛି । ଗଣମାଧ୍ୟମରେ ଏହି ଖବର ପ୍ରସାରଣ ପରେ ଶ୍ରମ ବିଭାଗର ତତ୍ପର ହୋଇଛି ।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


## ଖାମନେଇଙ୍କ ଶେଷକୃତ୍ୟ ପ୍ରକ୍ରିୟା ଆରମ୍ଭ: ଜୁଲାଇ ୯ରେ ଦିଆଯିବ କବର

ନୂଆଦିଲ୍ଲୀ,୩/୭ : ଇରାନର ପରଲୋକଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କ ଶେଷକୃତ୍ୟ ପାଇଁ ଦୀର୍ଘ ୪ ମାସ ପରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । ଏଥିରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଅତିଥିଙ୍କ ସମେତ ପ୍ରାୟ ୨ କୋଟି ଲୋକ ଯୋଗଦେବେ । ବିଶ୍ୱର ନେତାମାନେ ଶେଷକୃତ୍ୟରେ ଯୋଗଦେବାକୁ ଯାଉଥିବାବେଳେ ଅୟାତୋଲ୍ଲା ଅଲି ଖାମନେଇଙ୍କ ପୁଅ ମୋଜତାବା କିନ୍ତୁ ଯୋଗଦେବେ ନାହିଁ । ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି । ଖାମନେଇଙ୍କ ଶେଷକୃତ୍ୟ ପ୍ରକ୍ରିୟା ଜୁଲାଇ ୪ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ୯ ତାରିଖରେ ଖାମନେଇଙ୍କ ମରଶରୀରକୁ ମଶାଦରେ ଦିଆଯାବ କବର ।



ଇରାନର ରାଜଧାନୀ ତେହରାନରୁ ଆରମ୍ଭ କରି ମଶାଦ, କୋମ୍, ତାବ୍ରିଜ, ଇସ୍ଫାହାନ ଏବଂ ଶିରାଜ ଭଳି ସହର ପର୍ଯ୍ୟନ୍ତ ଲୋକମାନେ ସେମାନଙ୍କ ନେତାଙ୍କୁ ଶେଷ ବିଦାୟ ଦେବା ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି । ଦେଶର ବିଭିନ୍ନ ମସଜିଦ, ସାର୍ବଜନୀନ ସ୍ଥାନ ଏବଂ ପ୍ରମୁଖ ଛକରେ ଖାମନେଇଙ୍କ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି । ଅନ୍ତିମ ସଂସ୍କାରରେ ଲକ୍ଷଲକ୍ଷ ଲୋକ ଯୋଗଦେବେ ବୋଲି କର୍ତ୍ତୃପକ୍ଷ ଆକଳନ କରୁଛନ୍ତି । ସେହି ଅନୁସାରେ ପ୍ରସ୍ତୁତି କରାଯାଇଛି । ତେବେ ଖାମନେଇଙ୍କ ପୁଅ ମୋଜତାବା ଶେଷକୃତ୍ୟରେ ଅଂଶଗ୍ରହଣ କରିବେନାହିଁ । ସୁରକ୍ଷା ଏଜେନ୍ସିଗୁଡ଼ିକର ରିପୋର୍ଟ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି । ଭାରତରେ ଇରାନର ସର୍ବୋଚ୍ଚ ନେତୃତ୍ୱର ପ୍ରତିନିଧି ଆୟାତୋଲ୍ଲା ହାକିମ ଏଲାହି କହିଛନ୍ତି, ମୋଜତାବା ଖାମନେଇ ନିଜେ ସଂସ୍କାର ଯାତ୍ରାର ନେତୃତ୍ୱ ନେବାକୁ ଚାହୁଁଥିଲେ, କିନ୍ତୁ ସୁରକ୍ଷା ଏଜେନ୍ସିଗୁଡ଼ିକ ତାଙ୍କୁ ସାଧାରଣରେ ଦେଖାଯିବାକୁ ମନା କରିଛନ୍ତି ।

◆◆ପୃଷ୍ଠା ୭

## ଅମରନାଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩/୭ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଅମରନାଥ ଯାତ୍ରା ଆରମ୍ଭ ଅବସରରେ ଭାରତ ଏବଂ ବିଦେଶରେ ଥିବା ସମସ୍ତ ଶିବ ଭକ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କାମନା କରିଛନ୍ତି ଯେ ବାବା ବର୍ଫାନୀଙ୍କ ଦିବ୍ୟ ଦର୍ଶନର ଏହି ପବିତ୍ର ଯାତ୍ରା ସମସ୍ତ ଭକ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି, ସୌଭାଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଆଣିବ । ପ୍ରଧାନମନ୍ତ୍ରୀ ମୋଦି ଆଜି ଏକ୍ସରେ ଲେଖିଛନ୍ତି, 'ପବିତ୍ର-ପୁନିତ ଶ୍ରୀ ଅମରନାଥ ଯାତ୍ରାର ଆରମ୍ଭରେ ସମସ୍ତ ଶିବ ଭକ୍ତଙ୍କୁ ଚିରନ୍ତନ ଶୁଭେଚ୍ଛା । ବାବା ବର୍ଫାନୀଙ୍କ ଦିବ୍ୟ ଦର୍ଶନର ଏହି ଯାତ୍ରା ଆପଣଙ୍କ ଜୀବନରେ ସୁଖ, ସମୃଦ୍ଧି, ସୌଭାଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଆଣନ୍ତୁ ।

## ରାମ ମନ୍ଦିର ଦାନ ଚୋରି ମାମଲା
## ବିଜେପି ବିରୋଧରେ 'ରାମ ରକ୍ଷା' ଆନ୍ଦୋଳନ ଘୋଷଣା କଲେ ଉଦ୍ଧବ

ନୂଆଦିଲ୍ଲୀ,୩/୭ : ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଶୁକ୍ରବାର ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି । ରାମ ମନ୍ଦିର ଦାନ ପାଣ୍ଠି ହେରଫେର କରିବାକୁ ନେଇ ହିନ୍ଦୁମାନେ ବିଜେପିକୁ କ୍ଷମା ଦେବେନାହିଁ ବୋଲି ଉଦ୍ଧବ କହିଛନ୍ତି । ରାମ ମନ୍ଦିର ଦାନ ଚୋରି ବିରୋଧରେ ସେ ସାରା ମହାରାଷ୍ଟ୍ରରେ 'ରାମ ରକ୍ଷା' ଆନ୍ଦୋଳନ କରିବାକୁ ଘୋଷଣା କରିଛନ୍ତି । ସେ ସମସ୍ତ ରାମ ଭକ୍ତଙ୍କୁ ଦଳଗତ ନିର୍ବିଶେଷରେ ଆନ୍ଦୋଳନରେ



ଯୋଗଦେବାକୁ ଅନୁରୋଧ କରିଥିଲେ । ଠାକରେ ଓ ଅନ୍ୟ ଶିବସେନା (ୟୁବିଟି) ନେତାମାନେ ରବିବାର ସନ୍ଧ୍ୟାରେ ମୁମ୍ବାଇର ଦାଦର ପଶ୍ଚିମରେ ଥିବା ହନୁମାନ ମନ୍ଦିର ପରିଦର୍ଶନ କରି ଆନ୍ଦୋଳନ ଆରମ୍ଭ କରିବେ । ଏହି ପରିପ୍ରେକ୍ଷୀରେ ଉଦ୍ଧବ କହିଛନ୍ତି, ଆମେ ମନ୍ଦିରରେ ଏକତ୍ରିତ ହେବୁ ଓ ରାମ ରକ୍ଷା ସ୍ତୋତ୍ର, ମାରୁତି ସ୍ତୋତ୍ର ଓ ହନୁମାନ ଚାଳିଶା ପାଠ କରିବୁ । ରାମ ମନ୍ଦିର ନାମରେ ଲୁଟ୍ ଉପରେ କ୍ରୋଧିତ ସମସ୍ତ ରାମ ଭକ୍ତ ଏଥିରେ ଅଂଶଗ୍ରହଣ କରିବା ଉଚିତ ।

◆◆ପୃଷ୍ଠା ୭

# ୬୫ ବର୍ଷର ଗୌରବମୟ ଐତିହ୍ୟକୁ ସ୍ମରଣ କଲା ଭିକମପାଲି ହାଇସ୍କୁଲ
## ପ୍ରତିଷ୍ଠା ଦିବସରେ ପୁରାତନ ଛାତ୍ରଙ୍କ ଶିକ୍ଷାର ବିକାଶ ପାଇଁ ସଂକଳ୍ପ

ଝାରସୁଗୁଡ଼ା , ୦୩/୦୭ (ନି.ପ୍ର): ଝାରସୁଗୁଡ଼ା ଲଖନପୁର ବ୍ଲକ ଅନ୍ତର୍ଗତ ଭିକମପାଲି ଗ୍ରାମ ପଂଚାୟତ ସ୍ଥିତ ସର୍ବପୁରାତନ ଭିକମପାଲି ହାଇସ୍କୁଲର ୬୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି। ଦୀର୍ଘ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଅଂଚଳରେ ଶିକ୍ଷାର ଆଲୋକ ବିତରଣ କରିଆସୁଥିବା ଏହି ଅନୁଷ୍ଠାନର ଗୌରବମୟ ଅଧ୍ୟାୟକୁ ସ୍ମରଣ କରିବା ସହ ବିଦ୍ୟାଳୟର ଭବିଷ୍ୟତ ବିକାଶ ପାଇଁ ସମସ୍ତେ ଏକାଠି ହେବାର ସଂକଳ୍ପ ନେଇଥିଲେ।
ଆରମ୍ଭରେ ନିମନ୍ତ୍ରିତ ଅତିଥି ମାନେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମାର୍କଣ୍ଡ ମିଶ୍ର, ସ୍ୱର୍ଗତ ନରସିଂହ ପ୍ରସାଦ ସାଏ, ସ୍ୱର୍ଗତ ସାଲେଗ୍ରାମ ନାଏକ, ସ୍ୱର୍ଗତ ନକୁଳ ମିଶ୍ର ଓ ସ୍ୱର୍ଗତ ଗୌରୀ ଶଙ୍କର ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ। ପରେ ଛାତ୍ରୀ ମାନଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ସ୍ଥାନୀୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ସା ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ଶିକ୍ଷା,କ୍ରୀଡ଼ା ଓ ସାଂସ୍କୃତିକ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ।
ଜିଲ୍ଲା ପରିଷଦ ସଭ୍ୟ ତଥା ପୁରାତନ ଛାତ୍ର ସନତ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ର ସନ୍ତୋଷ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ଲୋକନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ରାମ ପଟେଲ, ଦୁଃଖୀଶ୍ୟାମ ପଟ୍ଟନାୟକ, ବିପିନ ବିହାରୀ ସାହୁ,ଝସକେତନ ସାହୁ ଓ ସୁଶିଲ ସାହୁ,ସୁନ୍ଦରଗଡ଼ ଜିଲ୍ଲା କେନ୍ଦୁଡିହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବକ୍ତା ମାନେ ତାଙ୍କ ଅଭିଭାଷଣରେ ଶିକ୍ଷା ହେଉଛି ଜୀବନର ସବୁ ଠାରୁ ବଡ଼ ସମ୍ପଦ। ଛାତ୍ରଛାତ୍ରୀ ନୈତିକ ମୂଲ୍ୟବୋଧ, ଶୃଙ୍ଖଳା, ପରିଶ୍ରମ ଓ ଅଧ୍ୟବସାୟକୁ ଜୀବନର ମୂଳମନ୍ତ୍ର କରି ଆଗକୁ ବଢ଼ିଲେ ସମାଜ ଓ ଦେଶର ଜଣେ ସୁନାଗରିକ ଭାବେ ପ୍ରତିଷ୍ଠିତ ହୋଇ ପାରିବେ ଏବଂ ବିଦ୍ୟାଳୟର ଗୌରବମୟ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସହ ଏହାର ସର୍ବାଙ୍ଗୀନ ବିକାଶରେ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ଜାରି ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ।
ସୂଚନାଯୋଗ୍ୟ ଯେ, ଭିକମପାଲି ହାଇସ୍କୁଲ ୧୯୬୨ ମସିହା ଜୁଲାଇ ୨ ତାରିଖ ଆଜିଭଳି ଦିନରେ ପ୍ରତିଷ୍ଠା ଲାଭ କରିଥିଲା। ତା,ପର ଠାରୁ ଏହି ବିଦ୍ୟାଳୟ ଅଂଚଳର ହଜାର ହଜାର ଛାତ୍ରଛାତ୍ରୀ ଶିକ୍ଷିତ କରି ସମାଜର ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ନାଗରିକ ଉପହାର ଦେଇ ଆସିଛି । ଅନ୍ତିମ ପର୍ଯ୍ୟାୟରେ ସମସ୍ତଙ୍କ ମିଳିତ ପ୍ରୟାସରେ ବିଦ୍ୟାଳୟକୁ ଆହୁରି ଉନ୍ନତିର ଶିଖରରେ ପହଂଚାଇବା ପାଇଁ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଥିଲେ । ପୁରାତନ ଛାତ୍ର ସଂସଦର ସଂପାଦକ ପୌଲସ୍ତ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।
କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୌଲସ୍ତ୍ୟ ମେହେର, ମୁରଲୀଧର ବିଶ୍ୱାଳ, ରାମଚନ୍ଦ୍ର ମେହେର, ଠାକୁର ରାମ ସାହୁ, ଅଶ୍ୱିନୀ ପୂଜାରୀ, ସରୋଜ ନନ୍ଦ, ଭବାନୀ ଶଙ୍କର ମେହେର, ଦିଲ୍ଲୀପ ପଟେଲ, ସୌଦାନନ୍ଦ ମେହେର, ମହେନ୍ଦ୍ର କୁମାର ସାଏ, ପ୍ରିତମ ସିଂହ ଦେଓ,ଶ୍ୟାମ ସୁନ୍ଦର ବଞ୍ଜାରା, କୃଷ୍ଣଚନ୍ଦ୍ର ମେହେର, ଶୁଖୀଶ୍ୟାମ ପଟ୍ଟନାୟକ, ନିତ୍ୟାନନ୍ଦ ପସାୟତ ଙ୍କ ସମେତ ବହୁ ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ପୁରାତନ ଛାତ୍ର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଜିଲ୍ଲା କୋର୍ଟ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା:
## ଟ୍ରକ୍ ଚାପାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ନୂଆପଡ଼ା, ୦୩/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା କୋର୍ଟ ସମ୍ମୁଖ ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥରେ ଘଟିଥିବା ଏକ ହୃଦୟ ବିଦାରକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଟ୍ରକ୍ ଚାପା ରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଥିଲା।ମୃତକ ହେଲେ ସୁକଲ ମାଝୀ, ପିତା - ଅନ୍ତରାମ ମାଝୀ , ଗ୍ରାମ- ଜାମ ଗାଁ ବୋଲି ଜଣା ପଡିଛି।ଘଟଣା ପରେ ନୂଆପଡ଼ା ଜିଲ୍ଲା ଓକିଲ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ସଂଘର ସଦସ୍ୟମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣାରେ ବସି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ଜିଲ୍ଲା କୋର୍ଟ ସମ୍ମୁଖରେ ସ୍ଥାୟୀ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା, ଏବଂ ଜାତୀୟ ରାଜପଥରେ ଯାତାୟାତ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦାବି କରିଥିଲେ। ଏହି ଆନ୍ଦୋଳନ ଚାଲିଥିବା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନ ଓ ଜିଲ୍ଲା ଓକିଲ ସଂଘର ପ୍ରତିନିଧିମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓକିଲ ସଂଘର ଦାବିଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରଥମେ ମୃତକଙ୍କ ପରିବାରକୁ ରେଡ୍ କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା କରାଯାଇଥିଲା। କିନ୍ତୁ ଜିଲ୍ଲା ଓକିଲ ସଂଘର ଦୃଢ଼ ଦାବି ପରେ ପ୍ରଶାସନ ସହାୟତା ରାଶିକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲା। ଏହାସହ କୋର୍ଟ ସମ୍ମୁଖରେ ଟ୍ରାଫିକ ସିଗ୍ନାଲ ସ୍ଥାପନ ପ୍ରସଙ୍ଗରେ ମଧ ସକାରାତ୍ମକ ପଦକ୍ଷେପ ନେବାକୁ ପ୍ରଶାସନ ପକ୍ଷରୁ ଆଶ୍ୱାସନ ଦିଆଯାଇଥିବା ଜଣାପଡ଼ିଛି।ଜିଲ୍ଲା ଓକିଲ ସଂଘର ସଭାପତି କ୍ଷିତିଶ ଅଶୋକ ବୋଧନକରଙ୍କ ନେତୃତ୍ୱରେ ଉପସଭାପତି ପ୍ରକାଶ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ମୂରଲୀଧର ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଆଇନଜୀବୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।ଏହି ଘଟଣା ପୁଣିଥରେ ଜିଲ୍ଲା କୋର୍ଟ ସମ୍ମୁଖରେ ଥିବା ବ୍ୟସ୍ତବହୁଳ ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତାକୁ ଆଗକୁ ଆଣିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦୁର୍ଘଟଣା ରୋକିବା ପାଇଁ ତୁରନ୍ତ ଟ୍ରାଫିକ ସିଗ୍ନାଲ, ସ୍ପିଡ୍ କଣ୍ଟ୍ରୋଲ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଦୁର୍ଘଟଣା ଏତେ ମର୍ମନ୍ତୁଦ ଥିଲା ଓ ଚିତ୍ର ଏତେ ବିଚଳିତ କରିଦେଉଛି ଆମେ ଆପଣଙ୍କୁ ଦେଖାଇ ପାରିବା ନାହିଁ। ମୃତକ ପରିବାର ପ୍ରତି ଆମେ ସମବେଦନା ପ୍ରକଟ କରୁଛୁ।

# ଭାରତ ସରକାରଙ୍କ ଦ୍ୱାରା ବିକଶିତ ଭାରତ ଜି ରାମ ଜି ୨୦୨୫ର ଜାତୀୟ ସ୍ତରର ଶୁଭାରମ୍ଭ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ପ୍ରଦର୍ଶନ କାର୍ଯ୍ୟକ୍ରମ

ସୁବର୍ଣପୁର, ୦୩/୦୭ (ନି.ପ୍ର): ସୋନପୁର ନୂତନ ଟାଉନ ହଲ ଠାରେ ଆନ୍ଧ୍ର ପ୍ରଦେଶର ତିରୁପତି ଠାରେ ଭାରତ ସରକାରଙ୍କ ଦ୍ୱାରା ବିକଶିତ ଭାରତ ଜି ରାମ ଜି ୨୦୨୫ ର ଜାତୀୟ ସ୍ତରରେ ମାନ୍ୟବର କେନ୍ଦ୍ର ମନ୍ତ୍ରୀ, କୃଷି, କୃଷକ ମଙ୍ଗଳ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ, ଭାରତ ସରକାର ଶିବରାଜ ଚୌହାନ ଙ୍କ ଦ୍ୱାରା ଆଜି ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଏଲ୍ ଇ ଡି ଟେଲିଭିଜନ ଜରିଆରେ ଆଭାସି ମାଧ୍ୟମରେ ଜନ ସାଧାରଣଙ୍କ ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସୋନପୁର ଟାଉନ ହଲ ଠାରେ ବିକଶିତ ଭାରତ ଜି ରାମ ଜି ୨୦୨୫ କୁ ମୁଖ୍ୟ ଅତିଥି ବିଧାୟକ, ବୀରମହାରାଜପୁର ଇଞ୍ଜିନିୟର ଶ୍ରୀଯୁକ୍ତ ରଘୁନାଥ ଜଗଦଲା, ଓ ସମ୍ମାନିତ ଅତିଥି ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ୍ ସାହୁ ଓ ଅନ୍ୟ ସମ୍ମାନିତ ଅତିଥି ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ସମାଜ ସେବୀ, ଶ୍ରୀ ବେଣୁଧର ଦାଶ, ସାଂସଦ ଙ୍କ ପ୍ରତିନିଧି ଶ୍ରୀମତି ନଳିନୀ ପଣ୍ଡା ଙ୍କ ଦ୍ୱାରା ଜିଲ୍ଲା ସ୍ତରରେ ଶୁଭାରମ୍ଭ କରାଯାଇଥିଲା। ଏହି ଶୁଭାରମ୍ଭ ସଭାରେ ଜିଲ୍ଲା ସ୍ତରୀୟ ଅଧିକାର ବୃନ୍ଦ, ସମସ୍ତ ପଂଚାୟତ ସମିତି ର କର୍ମଚାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ,ସମସ୍ତ ଗ୍ରାମ ପଂଚାୟତ ର ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର , ମେଟ୍ ବା ଗାଁ ସାଥୀ ବୃନ୍ଦ, ଜିଲ୍ଲାର ଜନସାଧାରଣ, ମଜୁରିଆ, ବୁଦ୍ଧିଜୀବୀ,ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ଜଣାଇ ଥିଲେ। ମୁଖ୍ୟ ଅତିଥି ତଥା ମାନ୍ୟବର ବିଧାୟକ, ବୀରମହାରାଜପୁର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସେମାନଙ୍କ ଅଭିଭାଷଣ ରେ ବିକଶିତ ଭାରତ ଜି ରାମ ଜି ୨୦୨୫ ର ବୈଶିଷ୍ଟ୍ୟ, ନିର୍ଦ୍ଦେଶାବଳି ଓ ନିୟମାବଳୀ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବିଶଦ ଭାବେ ଅବଗତ କରାଇବା ସହିତ ଗ୍ରାମାଂଚଳ ର ପ୍ରତ୍ୟେକ ପରିବାରକୁ ୧୨୫ ଦିନର ନିଶ୍ଚିତ ରୋଜଗାର ସହିତ ଗ୍ରାମାଂଚଳର ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଗ୍ରାମାଂଚଳ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଜନସାଧାରଣ ସଚେତନ କରି ଅବଗତ କରାଇଥିଲେ। ବିକଶିତ ଭାରତ ଜି ରାମ ଜି ୨୦୨୫ ରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ପ୍ରକଳ୍ପ ଗ୍ରାମ ସଭାର ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରକାଶ କରିଥଲେ। ମାନ୍ୟବର ବିଧାୟକ ଆହୁରି ପ୍ରକାଶ କଲେ ଯେ ଆବଶ୍ୟକତା ଅନୁଯାୟୀ ସମସ୍ତ କାର୍ଯ୍ୟକାରୀ ସଂସ୍ଥା ମାନଙ୍କୁ ଯଥା ଗ୍ରାମ ପଂଚାୟତ, ପଂଚାୟତ ସମିତି ଓ ଲାଇନ୍ ଦିପାର୍ଟମେଣ୍ଟ ମାନଙ୍କୁ ସରକାରଙ୍କ ଦ୍ୱାରା ପାଣ୍ଠି ଉପଲବ୍ଧ କରାଯିବ। ମଧ୍ୟାହ୍ନ ଭୋଜନ ବିରତି ପରେ ବିକଶିତ ଭାରତ ଜି ରାମ ଜି ୨୦୨୫ ଉପରେ ବିଶଦ ଭାବେ ଆଲୋଚନା କରାଗଲା ଓ ଶେଷରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ସଭା ସାଙ୍ଗ କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଜି ରାମ ଜି ୨୦୨୫ ଉପରେ ବ୍ୟାପକ ଜନ ସଚେତନତା ପାଇଁ ଏହି ଜନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ମାନ୍ୟମକୋଣ୍ଡାରୁ ସିତ୍ରାପାଲି ଘାଟି ରାସ୍ତା ବର୍ଷା ଯୋଗୁଁ ଅବରୋଧ

ମାଲକାନଗିରି, ୦୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକରେ ଗତ ତିନି ଦିନ ଧରି ଲାଗି ରହିଥିବା ଝିପିଝିପି ବର୍ଷା ଯୋଗୁଁ ମାନ୍ୟମକୋଣ୍ଡା ରୁ ସିତାପାଲି ଘାଟି ରାସ୍ତାରେ ପାହାଡ଼ ଧସି ମାଟି, ପଥର ଓ ବଡ଼ ବଡ଼ ଗଛ ରାସ୍ତା ଉପରେ ପଡ଼ିଛି। ଫଳରେ ସିତାପାଲି ଗାଁକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳ ସଡ଼କ ଯୋଜନାରେ ସିତାପାଲି ଦେଇ ଗୁଣ୍ଡାବେଡ଼ା ପର୍ଯ୍ୟନ୍ତ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଗତବର୍ଷ ଏହି ରାସ୍ତା ନିର୍ମାଣ ହୋଇଥିଲା ! ତେବେ ରାସ୍ତା ପ୍ରଥମ ବର୍ଷାରେ ହିଁ କ୍ଷତିଗ୍ରସ୍ତ ହୋଇଛି।

# ଓଡ଼ିଶା ଅମଲା ସଂଘ ନିର୍ବାଚନ ଜାଲିଆତିର ପର୍ଦ୍ଦାଫାଶ

ଜୟପୁର, ୦୨ ଜୁଲାଇ (ହି.ସ.) - ଓଡ଼ିଶା ଅମଲା ସଂଘର ରାଜ୍ୟ ସମ୍ମିଳନୀ କୋରାପୁଟ ଜିଲ୍ଲାରେ କରିବା ନିମନ୍ତେ ଦିର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲା । ବହୁ ବାର ଜୟପୁର ଠାରେ ବୈଠକ ଓ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ବାରମ୍ବାର ସମସ୍ତଙ୍କୁ ଅବଗତ କରାଉଥିଲେ କିନ୍ତୁ କିଛିକୁ ଚକ୍ରାନ୍ତ କାରି ରାଜ୍ୟ ନେତୃବୃନ୍ଦ ସେମାନଙ୍କ ସୁବିଧା ସ୍ଥାନ ରେ ସମ୍ମିଳନୀ କରି ଆସୁଥିଲେ। ସମସ୍ତ ଜିଲ୍ଲା ନେତୃବୃନ୍ଦ ଙ୍କ ବିରୋଧ ସତ୍ୱେ ଓ ଗୃହ ବିଭାଗ ସଚିବ ଙ୍କ ଆଦେଶକୁ ଅବମାନନା କରି ସମସ୍ତ ନିତି ନିୟମ କୁ ଉଲଂଘନ କରି ଏଥର ମଧ ତ୍ରୟବାର୍ଷିକି ସମ୍ମିଳନି ବିଗତ ମଇ ମାସ ୨୬ ଓ ୨୭ ତାରିଖରେ ପୁରୀ ଠାରେ କରିଥିଲେ । ତ୍ରୟବାର୍ଷିକି ସମ୍ମିଳନି ପୂର୍ବରୁ ଏକ ଗୁପ୍ତ ବୈଠକ କରି କର୍ମକର୍ତ୍ତା ଚୟନ ମଧ କରି ସାରିଥିଲେ ଲୁକ୍କାୟିତ ଭାବେ ଚୟନ କରାଯାଇଥିବା କର୍ମକର୍ତାଙ୍କ ନାମ ଘୋଷଣା ସମୟରେ ସମଗ୍ର ଜିଲ୍ଲା ନେତୃବୃନ୍ଦ ବିରୋଧ ପ୍ରଦର୍ଶନ କରିବା ସହିତ ଉକ୍ତ ଚୟନ ପ୍ରକ୍ରିୟାକୁ ଅସିଦ୍ଧ ଘୋଷିତ କରିବା ନିମନ୍ତେ ଆନ୍ଦୋଳନ କରିଥିଲେ । ଏହା ବିଭିନ୍ନ ଗଣ ମାଧ୍ୟମ ରେ ପ୍ରଚାର ପ୍ରସାର ହୋଇଥିଲା ଯାହାକୁ ପାଥେୟ କରି ଗୃହ ବିଭାଗ ସଚିବ ତାଙ୍କ ପତ୍ରାଙ୍କ ସଂଖ୍ୟା ୨୨୭୭୬ ତା ୨୯.୦୬.୨୦୨୬ ରେ କୁ ଚକ୍ରାନ୍ତ କାରି ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କୁ ଜାଲିଆତି କରିଥିବା ନେଇ କୈଫତ୍ ତଲବ କରିଛନ୍ତି । ଏହାର ସମ୍ପୂର୍ଣ୍ଣ ତଥ୍ୟ ସହିତ ୭ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିବା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶଶୀ ଭୂଷଣ ଦାସ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ ।

## ଚୋରି ମାମଲାରେ ୩ ଗିରଫ

ଜୟପୁର, ୦୩/୦୭ (ନି.ପ୍ର): ଚୋରି ମାମଲାରେ ୩ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଖ୍ରିଷ୍ଟିଆନପେଟାର ଧର୍ମରାଜ ଏଲିୟସ ନାନୁ ନାଗ (୨୩), ଅଶ୍ୱିନ ବାଘ (୨୨). ସୁବସ ଭତ୍ରା (୨୧) । ପୋଲିସ ସୂଚନା ଅନୁଯାଇ ଜୟପୁର ଲିଙ୍ଗରାଜ ନଗରରେ ବନ୍ଦ ଘରୁ ଚୋରି ହୋଇଥିଲା । ଘରର ମାଲିକ ଭୁବନେଶ୍ୱରରେ ରହୁଥିବା ବେଳେ ଘର ମାଲିକର ଭାଇ ମହାନ୍ତି ବେନିଆ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘର ଆବାସବ ପତ୍ର ମୋଟର ଆଦି ଚୋରି କରି ନେଇ ଥିବା ଅଭିଯୋଗ ଉଲ୍ଲେଖ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ଟାଉନ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ୩ ଅଭିଯୁକ୍ତ କୁ ଗିରଫ କରି କାଠ ଖଟ, ସିଲିଙ୍ଗ ପ୍ୟାନ, ମୋଟର ଜବତ କରିଛି । ଗିରଫ ୩ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।

# ରଥଯାତ୍ରା ପ୍ରସ୍ତୁତି ନେଇ ଛତିଶା ନିଯୋଗ ସହ ସମନ୍ୱୟ ବୈଠକ

ପୁରୀ, ୦୩/୦୭ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ପବିତ୍ରରଥଯାତ୍ରା-୨୦୨୬ କୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୁଚାରୁ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ପୁରୀ ଏସ ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଛତିଶା ନିଯୋଗର ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆସନ୍ତା ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବିଶେଷକରି ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସେବାୟତମାନଙ୍କ ସହ ସୁଚାରୁ ସମନ୍ୱୟ ନେଇ ଗଭୀର ଆଲୋଚନା ହୋଇଥିଲା। ଏହି ବୈଠକରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର ଉପସ୍ଥିତ ଥିଲେ। ସେ ରଥଯାତ୍ରା ସମୟରେ ସେବାୟତମାନଙ୍କ ଭୂମିକା, ପାରମ୍ପରିକ ନୀତିକାନ୍ତି ଓ ଭକ୍ତମାନଙ୍କ ଦର୍ଶନ ସୁବିଧା ବିଷୟରେ ନିଜ ମତାମତ ରଖିଥିଲେ। ସେ ପୁରୀ ପୋଲିସ ସହ ସମ୍ପୂର୍ଣ୍ଣ ସହଯୋଗ ଓ ସମନ୍ୱୟର ଆଶ୍ୱାସନ ଦେଇଥିଲେ। ଏସ ପି ପ୍ରତୀକ ସିଂ କହିଥିଲେ ଯେ, ରଥଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀରେ ସମାଗମ କରିଥାନ୍ତି। ସେମାନଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ନିଶ୍ଚିତ କରିବା ପୁରୀ ପୋଲିସର ପ୍ରାଥମିକତା। ସେ ଆହୁରି କହିଥିଲେ ଯେ, ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବା ସହିତ ଭିଡ଼ ନିୟନ୍ତ୍ରଣ, ଆପତ୍କାଳୀନ ସେବା, ଟ୍ରାଫିକ ପରିଚାଳନା ଓ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ରଥଯାତ୍ରାକୁ ସଫଳ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କରିଥିଲେ।
ଏହି ବୈଠକରେ ପୁରୀ ପୋଲିସର ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ସମସ୍ତେ ମିଳିତ ଭାବେ ରଥଯାତ୍ରା ୨୦୨୬ କୁ ଶୃଙ୍ଖଳିତ, ସୁରକ୍ଷିତ ଓ ସଫଳ କରିବା ପାଇଁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ପୁରୀ ପୋଲିସ ରଥଯାତ୍ରା-୨୦୨୬ ପାଇଁ ସମସ୍ତ ପ୍ରସ୍ତୁତିକୁ ସୁଚାରୁ ଭାବରେ ଆଗେଇ ନେଉଛି ଏବଂ ଏହି ବିଶ୍ୱ ପ୍ରସିଦ୍ଧ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବରେ ସମ୍ପନ୍ନ କରିବାକୁ ସହମତି ପ୍ରକାଶ ପାଇଥିଲା

# ଭାଷା ସମୃଦ୍ଧ ହେଲେ ସମାଜ ସମୃଦ୍ଧ, ସମାଜ ସମୃଦ୍ଧ ହେଲେ ରାଷ୍ଟ୍ର ଶକ୍ତିଶାଳୀ

ଝାରସୁଗୁଡ଼ା, ୦୩/୦୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱର୍ଣ୍ଣକ୍ଷେତ୍ର ଦିବସ ଅବସରରେ ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ।
ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ପ୍ରବନ୍ଧ ଲିଖନ, ବକ୍ତୃତା, କବିତା ଆବୃତି ଏବଂ ସାଧାରଣଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କନିଷ୍ଠ ବର୍ଗରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ବରିଷ୍ଠ ବର୍ଗରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଗଭୀର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା।
ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାଷା ସମୃଦ୍ଧ ହେଲେ, ସମାଜ ସମୃଦ୍ଧ ଏବଂ ସମାଜ ସମୃଦ୍ଧ ହେଲେ ରାଷ୍ଟ୍ର ଶକ୍ତିଶାଳୀ ହୁଏ, ତେଣୁ ସ୍ୱର୍ଣ୍ଣକ୍ଷେତ୍ର ଦିବସ ରେ ଓଡ଼ିଆ ଭାଷା ର ସୁରକ୍ଷା ଓ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ଯୋଗଦେଇ ଭାଷାର ଉନ୍ନତି ହେଲେ ସାହିତ୍ୟ, କଳା,ସଂସ୍କୃତି,ବିଜ୍ଞାନ, ଶିକ୍ଷା ର ମଧ ବିକାଶ ହୋଇଥାଏ । ଏଣୁ ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟ ରଖିଥିଲେ।
ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା, ବ୍ରଜରାଜନଗର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀକର ଭୋଇ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟା ଡ଼. ଶିବପ୍ରିୟା ମିଶ୍ର, ଏ ଅ । ଇ ର୍ପି ଏ ସ ଏ ମ ର ପରାମର୍ଶଦାତା, ନିରଞ୍ଜନ ମାଳି, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, କବୟିତ୍ରୀ ଅଞ୍ଜଳିପ୍ରଭା ପଟ୍ଟନାୟକ ଏବଂ ସୁଡ଼ଙ୍ଗ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।
ପରେ ବିଚାରକମାନଙ୍କ ଦ୍ୱାରା ଚୟନ କରାଯାଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୨ ଜୁଲାଇରେ ଏବଂ ବରିଷ୍ଠ ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ୧୯ ଜୁଲାଇରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭୁବନେଶ୍ୱର ଯିବେ।
ପ୍ରବନ୍ଧ କନିଷ୍ଠ ବର୍ଗରେ ଡି ଏଭି ସ୍କୁଲ, ବନବାହାଲ ର ସନ୍ତୋଷିନୀ ସାହୁ ଏବଂ ବକ୍ତୃତା ରେ ପ୍ରତ୍ୟୁଷ୍ମା ବିଶ୍ୱାଳ, କବିତା ଆବୃତି ରେ ସେଂଟ ଫୋମାସ ସ୍କୁଲ ର ଆଦ୍ୱିତା ଦୀକ୍ଷିତ ଏବଂ ସାଧାରଣଜ୍ଞାନ ରେ ଅର୍ଣ୍ଣବ ପଣ୍ଡା ଓ ବରିଷ୍ଠ ବର୍ଗ ପ୍ରବନ୍ଧ ରେ ଓଡିଶା ଆଦର୍ଶ ବିଦ୍ୟାଳୟ ଏସ କଟାପାଲି ର ଆଶୁତୋଷ ସ୍ୱାଇଁ, ବକ୍ତୃତା ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ପତ୍ରକ୍ଷପାଲି ର ତପସ୍ୱିନୀ ବେହେରା, କବିତା ଆବୃତିରେ କେ ଜି ବାଳିକା ବିଦ୍ୟାଳୟ, ସମାସିଙ୍ଗାର ପ୍ରିୟଙ୍କା ନାଗ ଏବଂ ସାଧାରଣ ଜ୍ଞାନରେ ଓ ପି ଏମ ବାଳିକା ବିଦ୍ୟାଳୟ, ବ୍ରଜରାଜନଗରର ସୁଦିପ୍ତି ନାହାକ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।
କାର୍ଯ୍ୟକ୍ରମ ଆରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ଧୀରଜ ରୋଶନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସୁଡ଼ଙ୍ଗ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ସହାୟକ ଅକ୍ଷଲିଶ ପଟେଲ,କର୍ମଚାରୀ ରାଜେଶ ସେଠ, ସମୀର କିସାନ,ମୌସମ ପଟେଲ, ମନବୋଧ ବରର୍ତୀ,ନିହାଲ ଭୋଇ, ରବୀନ୍ଦ୍ର ନିଆଲ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ।

# ସେବା ନିବୃତ୍ତ ପ୍ରଧାନଶିକ୍ଷକ ବିମଳ ପ୍ରସାଦ ପରିଡ଼ାଙ୍କୁ ବିପୁଳ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୦୩/୦୭ (ନି.ପ୍ର): ଦୀର୍ଘ ପଚିଶି ବର୍ଷ ବିଭିନ୍ନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଶେଷରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଗଛ ମଙ୍ଗଳା ୟୁପି ସ୍କୁଲରୁ ଆଦର୍ଶ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଛ ମଙ୍ଗଳା ତାପସୀ ହାଇ ସ୍କୁଲର ସଭା କକ୍ଷରେ ସେବା ନିବୃତ୍ତ ୟୁପି ସ୍କୁଲ୍ ପ୍ରଧାନ ଶିକ୍ଷକ ବିମଳ ପ୍ରସାଦ ପରିଡ଼ା ଏବଂ ହାଇ ସ୍କୁଲ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ରାଉତଙ୍କ ଉଦ୍ଦେଶ୍ୟରେ ଭବ୍ୟ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପରିଚାଳନା କମିଟି ଏବଂ ମହେଶ୍ୱର ସ୍ୱାଇଁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଏବଂ ଚନ୍ଦ୍ର ଶେଖର ହାଇ ସ୍କୁଲର ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଫୋରଡ୍ୱାୟା ଆଶ୍ରମର ମହନ୍ତ ହୃଷୀକେଶ ଦାସ ମହାରାଜ, ମୁଖ୍ୟ ବକ୍ତା ଭାବେ ପଟ୍ଟାମୁଣ୍ଡାଇ ଜୀବନ ବୀମା ନିଗମର ମୁଖ୍ୟ ପରିଚାଳକ କବି ଅରୁଣ କୁମାର ବିଶ୍ୱାଳ ଏବଂ ସମ୍ମାନୀତ ଅତିଥି ଭାବରେ ଅଦ୍ୱୈତ ଦାସ, ଶିକ୍ଷକ ନେତା ସରୋଜକାନ୍ତ ପାଇଟଲ, ବିଶ୍ୱ ଭୂଷଣ ମଲ୍ଲିକ ଏବଂ ମନୋଜ ନନ୍ଦ ଯୋଗଦେଇ ବିମଳ ପରିଡ଼ାଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଆରମ୍ଭରେ ମା ଗଛ ମଙ୍ଗଳା, ବାବା ମଣି ଏବଂ ହନୁମାନ ଜୀଉଙ୍କ ପୂଜାର୍ଚ୍ଚନା କରାଯିବା ପରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମହେଶ୍ୱର ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭା ପ୍ରାରମ୍ଭରେ ବିମଳ ପରିଡ଼ା ଏବଂ ନିରୁପମା ଜେନାଙ୍କ ନିର୍ଦ୍ଦେଶନାରେ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର କଳାକାରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ମହେଶ୍ୱର ସ୍ୱାଇଁ ଚାରିଟେବୁଲ ଟ୍ରଷ୍ଟ, ରେଡିଓ ଭାବଗ୍ରାହୀ, ବିଭିନ୍ନ ଶିକ୍ଷକ ସଂଘ, ବାଲିଆ ଗ୍ରାମବାସୀ ଏବଂ ଏନ୍ କେ ମଡେଲ ୟୁପି ସ୍କୁଲ୍ କ୍ଲଷ୍ଟର ତରଫରୁ ଉଭୟ ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଭାପତି ସୁଧିର ଜେନା, ଟ୍ରଷ୍ଟ ସମ୍ପାଦକ ସୁବାସ ସ୍ୱାଇଁ, ଗୋବର୍ଦ୍ଧନ ସ୍ୱାଇଁ, ଦମୟନ୍ତୀ ନାୟକ, ମଧୁସ୍ମିତା ଲେଙ୍କା, ସାରଥୀ, ବାସନ୍ତୀ ପାତ୍ର, ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା, ଇଂଜିନିୟର ବିଶ୍ୱଜିତ ପରିଡ଼ା, ସୁଶ୍ରୀ ସଙ୍ଗୀତା ଜେନା, ବ୍ରଜ ସୁନ୍ଦର ଜେନା, କାଂଚନ୍ୱାଳା ନାୟକ, ପ୍ରଚର୍କ୍ୱକ୍ରମ ପରିଡ଼ା, ବିଜୟ ପରିଡା, ମମତା ପରିଡ଼ା, ସନ୍ତୋଷୀ ପରିଡ଼ା, ପ୍ରଦୀପ କୁମାର, ରଞ୍ଜନ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରିଥିଲେ।

# ଭିବି-ଜି ରାମ୍-ଜି ଜିଲ୍ଲାସ୍ତରୀୟ ଜନସମ୍ମିଳନୀ

ନୂଆପଡ଼ା, ୦୩/୦୭ (ନି.ପ୍ର): ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)ର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ାସ୍ଥିତ ଏନ୍.ଆଇ.ସି. ଭିଡିଓ କନଫରେନ୍ସ ହଲ୍ରେ ଅନୁଷ୍ଠିତ ହୋଇଯାଇଛି।
ଏହି କାର୍ଯ୍ୟକ୍ରମର ଜାତୀୟସ୍ତରୀୟ ଶୁଭାରମ୍ଭ ଆନ୍ଧ୍ରପ୍ରଦେଶର ତିରୁପତିରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ କରିଥିଲେ। ଏହି ଅବସରରେ ସେ ନୂଆପଡ଼ା ସମେତ ଦେଶର ବିଭିନ୍ନ ରାଜ୍ୟର ଅଧୀନରେ କାର୍ଯ୍ୟରତ ହିତାଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସିଧାସଳଖ ଆଲୋଚନା କରିଥିଲେ। ନୂଆପଡ଼ାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ମଧ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ସାମିଲ ହୋଇଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) କ୍ଷମାନିଧି ଭୋଇ, ନୂଆପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ବିଡିଓ, ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ମନରେଗା ସଂଯୋଜକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ସରପଂଚ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପିଇଓ, ଏଡିଇଓ, ଜିଆରଏସ୍, ଯାନ୍ତ୍ରିକ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଜିଲ୍ଲା ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଆଜିକାଲି ମୋବାଇଲ୍ ଯୁଗ ଜୋର ଧରିଛି। ପିତାମାତାମାନେ ପ୍ରାୟତଃ ପିଲାମାନଙ୍କୁ ଚୁପ୍ ରଖିବା ପାଇଁ ସେମାନଙ୍କ ମୋବାଇଲ୍ ଫୋନ୍ ହାତରେ ଦିଅନ୍ତି। ଏହି ଅଭ୍ୟାସ କେତେ ବିପଦପୂର୍ଣ୍ଣ ହୋଇପାରେ ଆସନ୍ତୁ ଆମେ ବର୍ଣ୍ଣନା କରିବା। ଆଜିକାଲି ଅନେକ ପିତାମାତା କୌଣସି କାରଣ ନଥାଇ ଛୋଟ ପିଲାମାନଙ୍କୁ ମୋବାଇଲ୍ ଫୋନ୍ ଦିଅନ୍ତି, କିନ୍ତୁ ନୂତନ ଗବେଷଣା ଚିନ୍ତା ବଢାଇ ଦେଉଛି। ଏକ ଅଧ୍ୟୟନ ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସର ସ୍ମାର୍ଟଫୋନ୍ ପାଇବା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ କମ୍ ବୟସରେ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ପିଲାମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଡିପ୍ରେସନ୍, ନିଦ୍ରା ଅଭାବ ଏବଂ ସ୍ଥୂଳକାୟତା ହେବାର ସମ୍ଭାବନା ଅଧିକ ଥାଏ।

ଏହି ଗବେଷଣା ଆମେରିକାର ୧୦ ହଜାରରୁ ଅଧିକ ପିଲାଙ୍କ ତଥ୍ୟ ଉପରେ ଆଧାରିତ, ଯେଉଁଥିରେ ଦେଖାଯାଇଛି ଯେ ୧୨ ବର୍ଷ ବୟସ ପୂର୍ବରୁ ଫୋନ୍ ଥିବା ପିଲାମାନଙ୍କ ନିଦ ଏବଂ ମାନସିକ ଅବସ୍ଥା ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବିତ ହୋଇଥିଲା।

ଗବେଷକଙ୍କ ଅନୁସାରେ, ଯେତେ ଛୋଟ ପିଲାମାନେ ସ୍ମାର୍ଟଫୋନ୍ ଗ୍ରହଣ କରିବେ, ସେମାନଙ୍କର ପରବର୍ତ୍ତୀ ଜୀବନରେ ସ୍ୱାସ୍ଥ୍ୟ ସମସ୍ୟା ସେତେ ଗୁରୁତର ହେବ। ବିଶେଷକରି, ଖରାପ ନିଦ୍ରା ଅଭ୍ୟାସ ଏବଂ ଓଜନ ବୃଦ୍ଧି କମ ବୟସରୁ ଆରମ୍ଭ ହୋଇଥିଲା।

ଅଧ୍ୟୟନର ମୁଖ୍ୟ ଲେଖକ, ଶିଶୁ ମନସ୍ତତ୍ତ୍ୱବିତ୍ ରାନ୍ ବାର୍ଜିଲେ କହିଛନ୍ତି ଯେ ଗବେଷଣାରେ ପିଲାମାନେ ପ୍ରକୃତରେ ସେମାନଙ୍କ ଫୋନରେ କ'ଣ କରନ୍ତି ତାହା ମଧ୍ୟ ଦେଖାଯାଇନାହିଁ। କେବଳ ଫୋନ୍ ରଖିବା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିବା ପରି ମନେ ହେଉଛି।

ଏକ ବର୍ଷର ତୁଳନାରୁ ଏହା ମଧ୍ୟ ଜଣାପଡିଛି ଯେ ଯେଉଁ ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ନଥିଲା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ସେହି ପିଲାମାନଙ୍କ ତୁଳନାରେ ଭଲ ଥିଲା ଯେଉଁମାନେ ପାଖରେ ସ୍ମାର୍ଟଫୋନ୍ ଥିଲା। ଟାବଲେଟ୍ କିମ୍ବା ଅନ୍ୟ ଡିଭାଇସ୍ ଥିବା ସତ୍ତ୍ୱେ, ଫଳାଫଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ।

# ପଲିଥିନରେ ପୂରାଇ ଫ୍ରିଜରେ ରଖୁଛନ୍ତି କି ପରିବା ? ତେବେ ହୋଇଯାଆନ୍ତୁ ସାବଧାନ



ପ୍ରାୟତଃ, ଲୋକମାନେ ବଜାରରୁ କିଣିଥିବା ପନିପରିବା ପ୍ୟାକିଂ କରି ସିଧାସଳଖ ରେଫ୍ରିଜରେଟର(ଫ୍ରିଜ)ରେ ରଖନ୍ତି। ଏହି ପଦ୍ଧତିଟି ସରଳ ମନେହୁଏ, କିନ୍ତୁ ଏହି ଅଭ୍ୟାସ ଧୀରେ ଧୀରେ ସ୍ୱାସ୍ଥ୍ୟ ପାଇଁ ବିପଦ ପାଲଟିପାରେ। ପନିପରିବା ପଲିଥିନ୍ ବ୍ୟାଗ ଭିତରେ ରଖିବା ଦ୍ୱାରା ଆର୍ଦ୍ରତା ଏବଂ ଉତ୍ତାପ ଭିତରେ ଫସି ରହିଥାଏ, ଯାହା ଫଳରେ ସେଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଏ। ଅନେକ ଲୋକ ଭାବନ୍ତି ଯେ ସେଗୁଡ଼ିକୁ ରେଫ୍ରିଜରେଟରରେ ରଖିବା ଠିକ୍, କିନ୍ତୁ ପନିପରିବା ପଲିଥିନରେ ଗୁଡ଼ାଇ ରେଫ୍ରିଜରେଟରରେ ରଖାଗଲେ, ବାୟୁ ସଞ୍ଚାଳନ ବନ୍ଦ ହୋଇଯାଏ। ଏହା ଆର୍ଦ୍ରତା ଜମା କରେ ଏବଂ ବ୍ୟାକ୍ଟେରିଆ ଦ୍ରୁତ ଗତିରେ ବୃଦ୍ଧି ପାଏ। ସବୁଜ ପତ୍ରଯୁକ୍ତ ପନିପରିବା ଆହୁରି ଶୀଘ୍ର ନଷ୍ଟ ହୁଏ। ଏଗୁଡ଼ିକ ବାହାରରୁ ଠିକ୍ ଦେଖାଯାଇପାରେ, କିନ୍ତୁ ଭିତରେ ପଚିଯାଏ। ଅନେକ ଲୋକ ଏହି ପନିପରିବାଗୁଡ଼ିକୁ ଜାଣି ନ ପାରି ଖାଆନ୍ତି, ଯାହା ଖାଦ୍ୟର ସ୍ୱାଦ ନଷ୍ଟ କରେ ଏବଂ ସେମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ।

ଏପରି ନଷ୍ଟ କିମ୍ବା ପଚିଯାଉଥିବା ପନିପରିବା ଖାଇବା ଧୀରେ ଧୀରେ ଶରୀରକୁ ପ୍ରଭାବିତ କରିପାରେ। ପେଟ ଯନ୍ତ୍ରଣା, ଗ୍ୟାସ୍ ଏବଂ ଖାଦ୍ୟ ବିଷାକ୍ତ ହେବା ଭଳି ସମସ୍ୟା ସୃଷ୍ଟି ହୋଇପାରେ। ସବୁଠାରୁ ବଡ଼ ଚିନ୍ତା ହେଉଛି ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିବା ଦ୍ୱାରା ମାଇକ୍ରୋପ୍ଲାଷ୍ଟିକ୍ କଣିକା ମଧ୍ୟ ଖାଦ୍ୟରେ ମିଶିପାରେ, ଯାହା ଦୀର୍ଘକାଳୀନ କ୍ଷତି କରିପାରେ। ଏହି ପ୍ରଭାବ ତୁରନ୍ତ ସ୍ପଷ୍ଟ ହୁଏ ନାହିଁ, କିନ୍ତୁ ଏହା ଧୀରେ ଧୀରେ ଶରୀରକୁ ଦୁର୍ବଳ କରିଦିଏ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ରେଫ୍ରିଜରେଟରରେ ରଖାଯାଇଥିବା ଜିନିଷଗୁଡ଼ିକ ସମ୍ପୂର୍ଣ୍ଣ ନିରାପଦ, କିନ୍ତୁ ଏହି ବିଶ୍ୱାସ ସମ୍ପୂର୍ଣ୍ଣ ଭୁଲ। ରେଫ୍ରିଜରେଟର କେବଳ ଥଣ୍ଡା ପ୍ରଦାନ କରେ, କିନ୍ତୁ ଏହା ପଲିଥିନରେ ଖାଦ୍ୟ ନଷ୍ଟକୁ ରୋକିପାରିବ ନାହିଁ। ଯଦି ପନିପରିବାଗୁଡ଼ିକୁ ନ ଧୋଇ ପଲିଥିନରେ ବନ୍ଦ କରାଯାଏ, ତେବେ ସେଥିରେ ଜୀବାଣୁ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇପାରେ। ତେଣୁ, କେବଳ ରେଫ୍ରିଜରେଟର ଉପରେ ନିର୍ଭର କରିବା ଉଚିତ୍ ନୁହେଁ। ବିଶେଷଜ୍ଞଙ୍କ ମତରେ, ପଲିଥିନ ଭିତରେ ପରିବା ରଖିବା ଦ୍ୱାରା ଅମ୍ଳଜାନର ଅଭାବ ଯୋଗୁଁ, ପନିପରିବାଗୁଡ଼ିକରେ ଇଥିଲିନ୍ ଗ୍ୟାସ୍ ନାମକ ଏକ ପ୍ରକାର ଗ୍ୟାସ୍ ସୃଷ୍ଟି ହେବା ଆରମ୍ଭ ହୁଏ। ଏହି ଗ୍ୟାସ କେବଳ ପନିପରିବାଗୁଡ଼ିକୁ ଶୀଘ୍ର ନଷ୍ଟ କରେ ନାହିଁ, ବରଂ ଧୀରେ ଧୀରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଭିଟାମିନ୍ ଭଳି ଆବଶ୍ୟକୀୟ ପୋଷକ ତତ୍ତ୍ୱକୁ ମଧ୍ୟ ହ୍ରାସ କରେ। ଆଜିର ବ୍ୟସ୍ତମୟ ଜୀବନରେ, ଆମେ ପ୍ରାୟତଃ ସରଳ ପଦ୍ଧତି ଅବଲମ୍ବନ କରୁ ଯାହା ଶୀଘ୍ର ସମସ୍ୟାଜନକ ହୋଇପଡ଼େ। ତେଣୁ, ପନିପରିବା ସଠିକ୍ ଭାବରେ ସଂରକ୍ଷଣ କରିବା କେବଳ ପରିଷ୍କାର ପରିଚ୍ଛନ୍ନତାର ବିଷୟ ନୁହେଁ, ବରଂ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ ମଧ୍ୟ ହୋଇଥାଏ।

ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ବୋଲି ବିଶେଷଜ୍ଞମାନେ ଏହାକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ଯଦି ଆପଣ ମଧ୍ୟ ଲମ୍ବା ଏବଂ ଘନ କେଶ ଚାହୁଁଛନ୍ତି, ତେବେ ଏହାକୁ କିପରି ଲଗାଇବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ଏକ ସୁସ୍ଥ ମୁଣ୍ଡର କେଶକୁ ପ୍ରୋତ୍ସାହିତ କରେ ଏବଂ କେଶ ମୂଳକୁ ମଜବୁତ କରେ।

## ଆସନ୍ତୁ ଜାଣିବା ଏହାକୁ କିପରି ପ୍ରୟୋଗ କରିବେ:

- ♦ଅନେକ ଲୋକ ପିଆଜ ରସକୁ ଏହାର ତୀବ୍ର ଏବଂ କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଗନ୍ଧ ବିଷୟରେ ଚିନ୍ତା କରି ଲାଭରୁ ବଞ୍ଚିତ ହେଉଛନ୍ତି। ପିଆଜ ରସକୁ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଏହାର ଦୁର୍ଗନ୍ଧକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଲୋଭେରା ଜେଲ୍, ନଡ଼ିଆ ତେଲ, କିମ୍ବା ଲେମ୍ବୁ ରସ ମିଶାଇ କେଶର ଦୁର୍ଗନ୍ଧ ହ୍ରାସ କରିପାରିବ ଏବଂ ଆପଣଙ୍କ କେଶକୁ ଅତିରିକ୍ତ ପୋଷଣ ଯୋଗାଇପାରିବ।
- ♦ପିଆଜ ରସ ଲଗାଇବା ପାଇଁ ଏକ କପା ପ୍ୟାଡ୍ କିମ୍ବା ଡ୍ରପର୍ ବ୍ୟବହାର କରିବା ଭଲ। ଏହା ନିଶ୍ଚିତ କରେ ଯେ ରସ ସିଧାସଳଖ ମୁଣ୍ଡରେ ପହଞ୍ଚିବ ଏବଂ ଆହୁରି ପ୍ରଦୂଷଣକୁ ରୋକିବ। ପ୍ରୟୋଗ ପରେ ମିଶ୍ରଣକୁ ଧୀରେ ଧୀରେ ମାଲିସ୍ କରିବା ଲାଭଦାୟକ।
- ♦ରସ ଲଗାଇବା ପରେ, ଏହାକୁ ୨୦ରୁ ୩୦ ମିନିଟ୍ ପାଇଁ ମୁଣ୍ଡରେ ଛାଡିଦେବା ଉଚିତ। ଏହି ସମୟ ମଧ୍ୟରେ, ଏହାର ପୋଷକ ତତ୍ତ୍ୱ କେଶ ମୂଳରେ ଭଲ ଭାବରେ ଶୋଷିତ ହୋଇଯାଏ ଏବଂ ପ୍ରଭାବ ଦେଖାଇବା ଆରମ୍ଭ କରେ।
- ♦କେଶ ଧୋଇବା ସମୟରେ, ଦୁର୍ଗନ୍ଧକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଏକ ମୃଦୁ କିମ୍ବା ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। ଆବଶ୍ୟକ ହେଲେ, ଆପଲ୍ ସାଇଡର୍ ଭିନେଗାର କିମ୍ବା ଲେମ୍ବୁ ପାଣିରେ ଧୋଇ ଦିଅନ୍ତୁ, କିନ୍ତୁ ଗରମ ପାଣି ପରିହାର କରନ୍ତୁ।
- ♦ସର୍ବୋତ୍ତମ ଫଳାଫଳ ପାଇଁ ସପ୍ତାହରେ ଥରେ ପିଆଜ ରସ ବ୍ୟବହାର କରିବା ଯଥେଷ୍ଟ। ବାରମ୍ବାର ପ୍ରୟୋଗ ଦ୍ୱାରା ମୁଣ୍ଡରେ ଜ୍ୱଳନ ହୋଇପାରେ ଏବଂ ଦୁର୍ଗନ୍ଧ ବୃଦ୍ଧି ପାଇପାରେ।




ସିକ୍ କବାବ ଭାରତର ପ୍ରିୟ ରେସିପି ମଧ୍ୟରୁ ଗୋଟିଏ। ଏହା ମୋଗଲ ଯୁଗରୁ ତିଆରି ହୋଇଆସୁଛି। ସିକ୍ କବାବ ଚିକେନ୍ ଏବଂ ମଟନ୍ ଉଭୟରେ ତିଆରି କରାଯାଏ। ଏହାର ସ୍ୱାଦ ବହୁତ ସ୍ୱାଦିଷ୍ଟ ଏବଂ ମସଲାଦାର ହୋଇଥାଏ। ଆପଣ ଏହାକୁ ସନ୍ଧ୍ୟାରେ ଏକ ସ୍ନାକ୍ସ ଭାବରେ ମଧ୍ୟ ଖାଇପାରିବେ।

### ଚିକେନ୍ କବାବ୍ ପ୍ରସ୍ତୁତ ପାଇଁ ସାମଗ୍ରୀ


ଚିକେନ୍: ୫୦୦ ଗ୍ରାମ
ଲେମ୍ବୁ ରସ: ୨ ଚାମଚ
କ୍ରିମ୍: ୨ ଚାମଚ
କଟା ପିଆଜ: ୧
ଧନିଆ ପତ୍ର: ୧/୨କପ୍
ଅଦା ରସୁଣ ପେଷ୍ଟ: ୨ ଚାମଚ
ଚଣା ମଇଦା: ୩ ଚାମଚ
ଧନିଆ ପାଉଡର: ୧ ଚାମଚ
ଲଙ୍କା ପାଉଡର: ୧ ଚାମଚ
ହଳଦୀ ପାଉଡର: ୧/୨ ଚାମଚ
ଜୀରା ପାଉଡର: ୧/୨ ଚାମଚ
ଗରମ ମସଲା: ୧ ଚାମଚ
ଲୁଣ: ସ୍ୱାଦ ଅନୁସାରେ ୧ ଚାମଚ




### ସିକ୍ କବାବ୍ ତିଆରି କରିବାର ପଦ୍ଧତି ଖୁବ ସହଜ

ପ୍ରଥମେ କଣ୍ଟା ନଥିବା ୫୦୦ ଗ୍ରାମ କଞ୍ଚା ଚିକେନକୁ ଗ୍ରାଇଣ୍ଡର କରି ଦିଅନ୍ତି। ସେଥିରେ ଲେମ୍ବୁ ରସ ଓ କ୍ରିମ ମିଶାଇ କିଛି ସମୟ ପାଇଁ ରଖନ୍ତୁ। ୧୦ରୁ ୧୫ ମିନିଟ ରଖିବା ପରେ ସେଥିରେ ବେସନ, ପିଆଜ, ସବୁଜ ଲଙ୍କା, ଅଦା-ରସୁଣ ପେଷ୍ଟ, ଏବଂ ସମସ୍ତ ମସଲା (ଧନିଆ ପାଉଡର, ଲଙ୍କା ପାଉଡର, ହଳଦୀ ପାଉଡର, ଜିରା ପାଉଡର, ଚାଟ୍ ମସଲା ଏବଂ ଗରମ ମସଲା) ମିଶାନ୍ତୁ। ପାଖାପାଖି ୧୦ ମିନିଟ ପର୍ଯ୍ୟନ୍ତ ଉକ୍ତ ମିଶ୍ରଣକୁ ରଖିବା ପରେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ମିଶାଇ ଗୁଳା କରନ୍ତୁ। ଉକ୍ତଗୁଳାଗୁଡ଼ିକୁ ରୋଲ ଭଳି ଆକାର ଦେଇ କବାବ କାଠି ପୁରାନ୍ତୁ। କିପରି ଆକୃତି ଦେବେ ଆପଣ ଫଟୋ ଦେଖି ସ୍ପଷ୍ଟ ଭାବେ ଜାଣି ପାରିବେ। ଏହାପରେ ଗ୍ୟାସ୍ ଉପରେ ବସାଇଥିବା ପ୍ୟାନକୁ ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ମିଶାନ୍ତୁ ଏବଂ କବାବକୁ ଉପର ତଳ କରି ହାଲୁକା ଆଞ୍ଚରେ ଭାଜନ୍ତୁ। ଏହାପରେ ଆମର ଗରମାଗରମା ସିଖ କବାବକୁ ଚଟଣି କିମ୍ବା ସସ୍ ସହିତ ପରିବାର ସଦସ୍ୟ ହୁଅନ୍ତୁ ଅବା ଅତିଥିଙ୍କୁ ପରସି ଦିଅନ୍ତୁ।

# ଘରେ ତିଆରି କରନ୍ତୁ ଅର୍ଗାନିକ୍ କାଜଲ




କଜଳ ତିଆରି ଏକ ପାରମ୍ପରିକ କଳା। ଆଗରୁ ଜେଜେମା, ଆଇମାନେ ନବଜାତକ ପାଇଁ ଅତି ଯତ୍ନରେ ଘରେ ଏହାକୁ ତିଆରି କରୁଥିଲେ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ବଜାର ତିଆରି କଜଳ ଲଗାଇବାରେ ଆମେ ଅଭ୍ୟସ୍ତ ହୋଇ ଏହାକୁ ଧୀରେ ଧୀରେ ପାସୋରି ଗଲୁଣି। ଆସନ୍ତୁ ଏଥର ଟିକେ ସମୟ ଦେଇ ଘରେ ଥିବା ସାମଗ୍ରୀରେ କଜଳ ତିଆରି କରି ବ୍ୟବହାର କରିବା। ଏଥିପାଇଁ ପ୍ରଥମେ କିଛି ଷ୍ଟେରିଲାଇଜ୍ଡ ତୁଳାକୁ ନେଇ ତାକୁ ହାତରେ ଭିଣି ପତଳା ସିଟ୍‌ଟିଏ ତିଆରି କରିବା। ପାଖାପାଖି ୪/୬ ଆଙ୍ଗୁଳି ଅନ୍ଦାଜରେ ତିଆରି କରି ପାପୁଲିରେ ରଖି ତା'ଉପରେ କିଛି ଜୁଆଣି ନେଇ ସିଧା ରଖି ତୁଳାକୁ ଦୁଇ ହାତରେ ବଳି ଗୋଟିଏ ଲମ୍ବା ବତିର ଆକାର ଦେବା। ଏପରି ଦୁଇଟି ବତି ତିଆରି କରିବା। ଏଥର ଗୋଟିଏ ସଫା ମାଟି ବା ପିତ୍ତଳ ଦୀପ ଆଣି ସେଥିରେ ଖାଣ୍ଟି ସୋରିଷ ତେଲ ବା ଯଦି ଚାହାନ୍ତି ଘର ତିଆରି ଗୁଆଘିଅରେ ଭର୍ତ୍ତି କରିବା। ଏଥର ପ୍ରଥମେ ପ୍ରସ୍ତୁତ କରିଥିବା ବତି ଦୁଇଟିକୁ ଏମିତି ରଖିବା ଯାହା ଫଳରେ ଚାରିଟି ଧାର ଦୀପର ଚାରିପଟକୁ ରହିବ। ଏଥର ଚାରିଟି ଆଲ୍‌ମଣ୍ଡ ନେଇ ତେଲ/ଘିଅରେ ବୁଡ଼େଇ ଦିଅନ୍ତୁ। ଦରକାର ପଡ଼ିଲେ ତେଲ ବା ଘିଅ ଭର୍ତ୍ତି କରନ୍ତୁ। ଏଥର ଦୀପଟିକୁ ଗୋଟିଏ ପାତ୍ର ଉପରେ ରଖନ୍ତୁ। ସେଇ ସମାନ ଉଚ୍ଚତାରେ ୩/୪ଟି ଗ୍ଲାସ୍ ବା ଯେକୌଣସି ପାତ୍ର ରଖନ୍ତୁ। ଏଥର ଦୀପଟିର ୪ଟି ବତିକୁ ଜଳାନ୍ତୁ ଏବଂ ଗୋଟିଏ ସଫା ଷ୍ଟିଲ୍/ପିତ୍ତଳ ଥାଳିରେ ଦୀପଟିକୁ ଢାଙ୍କି ଦିଅନ୍ତୁ। ଶିଖାର ନିଆଁ ଥାଳିରେ ବାଜି ଏଥିରେ କଜଳ ସଂଗ୍ରହ ହେବ। ପାଖାପାଖି ଅଧଘଣ୍ଟା ବା ଘଣ୍ଟାଏ ଭିତରେ ଦୀପର ତେଲ ସରି ଥାଳିରେ ଶୁଖିଲା କଜଳତକ ସଂଗ୍ରହ ହୋଇଥିବ। ଏହାକୁ ଗୋଟିଏ ସଫା କାଗଜରେ କୋରି ଦିଅନ୍ତୁ। ତା'ପରେ ଏକତ୍ର କରି ଛୋଟ କାଚ ବୋତଲରେ ପୂରେଇ ସେଥିରେ ଗୋଟେ ଭିଟାମିନ୍-ଇ କ୍ୟାପ୍‌ସୁଲ୍ ଓ ଗାଇଘିଅ ଆବଶ୍ୟକ ପରିମାଣରେ ମିଶେଇ ଭଲକରି ଘାଣ୍ଟି କାଜଲ୍ ପ୍ରସ୍ତୁତ କରନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ୱାଟରପ୍ରୁଫ୍ ମଧ୍ୟ ହୋଇଥାଏ।

# ୱାଶିଂଟନଙ୍କ ସଂଯମତାରୁ ଟ୍ରମ୍ପଙ୍କ ଅହଂକାର: ଦିଗହରା ଆମେରିକୀୟ ଦେଶଭକ୍ତି

ଆମେରିକା ନିଜର ସ୍ୱାଧୀନତାର ୨୫୦ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବା ବେଳେ, ଏହି ଐତିହାସିକ ତଥା ଗୌରବମୟ ମୁହୂର୍ତ୍ତଟି ଏକ ଜାତୀୟ ଉତ୍ସବ ପରିବର୍ତ୍ତେ ଏକ ବ୍ୟକ୍ତିଗତ ପ୍ରଦର୍ଶନୀରେ ପରିଣତ ହେବାକୁ ଯାଉଛି । ୧୭୭୬ ମସିହା ଜୁଲାଇ ୪ ତାରିଖରେ ଆମେରିକା ବ୍ରିଟିଶ୍ ଶାସନରୁ ସ୍ୱାଧୀନତା ଲାଭ କରିବା ପରଠାରୁ ଏହି ଦିନଟିକୁ ବିଶ୍ୱବ୍ୟାପୀ ଗଣତନ୍ତ୍ର, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସମାନତାର ଏକ ଅନନ୍ୟ ପ୍ରତୀକ ଭାବରେ ପାଳନ କରାଯାଇଆସୁଛି । କିନ୍ତୁ ବର୍ତ୍ତମାନର ରାଜନୈତିକ ପରିସ୍ଥିତିରେ, ଡୋନାଲ୍ଡ ଟ୍ରମ୍ପ ଏହି ଅଢ଼େଇ ଶହ ବର୍ଷର ମାଇଲଖୁଣ୍ଟକୁ ନିଜର ଏକ ବ୍ୟକ୍ତିଗତ ସଫଳତା ଭାବରେ ଚିତ୍ରଣ କରିବାକୁ ନିରନ୍ତର ପ୍ରୟାସ କରୁଛନ୍ତି । ସେ ନିଜକୁ ଆମେରିକାର ସର୍ବୋଚ୍ଚ ଦେଶଭକ୍ତ ବା 'ପ୍ୟାଟ୍ରିଅଟ୍-ଇନ୍-ଚିଫ୍' ଭାବରେ ପ୍ରାୟତଃ ଘୋଷଣା କରିସାରିଛନ୍ତି । ଏହି ଉତ୍ସବ ଆମେରିକୀୟ ଗଣତନ୍ତ୍ରର ମୂଳ ମୂଲ୍ୟବୋଧକୁ ପ୍ରତିଫଳିତ କରିବା ପରିବର୍ତ୍ତେ, ଟ୍ରମ୍ପଙ୍କ ଅହଂକାର, କ୍ଷମତା ଲିପ୍ସା ଏବଂ ବ୍ୟକ୍ତିଗତ ବ୍ରାଣ୍ଡିଂର ଏକ ପ୍ରମୁଖ ମାଧ୍ୟମ ପାଲଟିଛି, ଯାହାକି ଆମେରିକୀୟ ଇତିହାସରେ ଏକ ଅଦ୍ୱିତୀୟ ଏବଂ ଗଭୀର ଚିନ୍ତାଜନକ ପରିବର୍ତ୍ତନକୁ ଦର୍ଶାଉଛି । ଏହି ପ୍ରକ୍ରିୟାରେ ସେ ଦେଶଭକ୍ତିକୁ ନିଜର ଏକଚାଟିଆ ସମ୍ପତ୍ତିରେ ପରିଣତ କରିବାକୁ ବସିଛନ୍ତି ଏବଂ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ସାମୂହିକ ଉପଲବ୍ଧିକୁ ନିଜ ନାମରେ ନାମିତ କରିବାର ଉଦ୍ୟମ କରୁଛନ୍ତି ।

ଟ୍ରମ୍ପଙ୍କ ଏହି ଆତ୍ମକୈନ୍ଦ୍ରିକ ପ୍ରୟାସର କିଛି ତଥ୍ୟଭିତ୍ତିକ ଉଦାହରଣ ଅତ୍ୟନ୍ତ ସ୍ପଷ୍ଟ ଏବଂ ଆଶ୍ଚର୍ଯ୍ୟଜନକ ଅଟେ । ଉଦାହରଣସ୍ୱରୂପ, ସେ ଆମେରିକାର ୨୫୦ତମ ବାର୍ଷିକୀ ଉପଲକ୍ଷେ ପ୍ରସ୍ତୁତ ହେଉଥିବା ୨୫୦ ଡଲାରର ସ୍ମାରକୀ ନୋଟ୍ ଏବଂ ଦେଶର ପାସପୋର୍ଟରେ ନିଜର ଚିତ୍ର ଛାପିବାକୁ ଯୋଜନା କରୁଛନ୍ତି । ଏହା ସହିତ ହ୍ୱାଇଟ୍ ହାଉସର ସାଉଥ୍ ଲନରେ ତାଙ୍କର ୮୦ତମ ଜନ୍ମଦିନ ଉପଲକ୍ଷେ ଏକ ବିଶାଳ ଢାଞ୍ଚା ନିର୍ମାଣ କରିବାର ପରିକଳ୍ପନା କରାଯାଇଛି, ଯାହାକୁ ଏକ 'ୟୁଏଫସି' ବା ଅଲ୍ଟିମେଟ୍ ଫାଇଟିଂ ଚାମ୍ପିୟନସିପ୍ ଲଢ଼େଇ ପାଇଁ ବ୍ୟବହାର କରାଯିବ । ଏହି ବିଶାଳ ଢାଞ୍ଚାକୁ 'ଆର୍କ ଡି ଟ୍ରମ୍ପ' ନାମରେ ନାମିତ କରାଯିବାର ଚର୍ଚ୍ଚା ହେଉଛି । ବିଡ଼ମ୍ବନାର ବିଷୟ ହେଉଛି, ଯେତେବେଳେ ଏହି ଢାଞ୍ଚା ନିର୍ମାଣର ଯୋଜନା କରାଯାଉଥିଲା, ଠିକ୍ ସେହି ସମୟରେ ଏକ ଫେଡେରାଲ କୋର୍ଟ ଅନ୍ୟ ଏକ ସରକାରୀ କୋଠାରୁ ତାଙ୍କ ନାମ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଟ୍ରମ୍ପ ନିଜ ନାମକୁ ଦେଶର ସାମୂହିକ ପରିଚୟ ସହିତ ଯୋଡ଼ିବାର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି । ଏହି ତଥ୍ୟଗୁଡ଼ିକ ପ୍ରମାଣିତ କରୁଛି ଯେ ସେ ଦେଶଭକ୍ତିକୁ ନିଜ ପ୍ରତି ଥିବା ବ୍ୟକ୍ତିଗତ ଆନୁଗତ୍ୟ ସହିତ ସମ୍ପୂର୍ଣ୍ଣ ରୂପେ ମିଶାଇ ଦେବାକୁ ଚାହୁଁଛନ୍ତି । ତାଙ୍କ ମତରେ, ଦେଶକୁ ଭଲ ପାଇବା ଏବଂ ଟ୍ରମ୍ପଙ୍କୁ ଭଲ ପାଇବା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ଯାହାକି ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ ସଙ୍କେତ ।

ଆମେରିକୀୟ ଇତିହାସର ପୃଷ୍ଠଭୂମିରେ ଏହି ଘଟଣାକୁ ବିଶ୍ଳେଷଣ କଲେ ଏହାର ଗଭୀରତା ଏବଂ ବିପଦ ଅଧିକ ସ୍ପଷ୍ଟ ହୁଏ । ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନଙ୍କ ଦେଶଭକ୍ତି ଏବଂ ଟ୍ରମ୍ପଙ୍କ ଦେଶଭକ୍ତି ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପୂର୍ଣ୍ଣ ବିପରୀତମୁଖୀ ଅଟେ । ୱାଶିଂଟନଙ୍କ ପାଇଁ ଦେଶଭକ୍ତି ଥିଲା ନିସ୍ୱାର୍ଥପର ସେବା ଏବଂ ଦାୟିତ୍ୱବୋଧର ପ୍ରତୀକ । ସେ ନିଜର କାର୍ଯ୍ୟକାଳ ପରେ ରାଷ୍ଟ୍ରପତି ପଦରୁ ସ୍ୱେଚ୍ଛାକୃତ ଭାବେ ଓହରି ଯାଇ ପ୍ରମାଣିତ କରିଥିଲେ ଯେ ନବଗଠିତ ଆମେରିକା ଏକ ବଂଶାନୁକ୍ରମିକ ରାଜତନ୍ତ୍ର ନୁହେଁ, ବରଂ ଜନସାଧାରଣଙ୍କ ସାର୍ବଭୌମତ୍ୱ ଦ୍ୱାରା ପରିଚାଳିତ ଏକ ପ୍ରକୃତ ଗଣତନ୍ତ୍ର । ସରକାରଙ୍କ ତିନୋଟି ଅଙ୍ଗ ଯଥା କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଶାସକଙ୍କ ସଂଯମତା ନିହାତି ଆବଶ୍ୟକ ବୋଲି ସେ ନିଜ ଆଚରଣ ମାଧ୍ୟମରେ ଦର୍ଶାଇଥିଲେ । ସେ ଚାହିଁଥିଲେ ଆଜୀବନ କ୍ଷମତାରେ ରହିପାରିଥାନ୍ତେ, କିନ୍ତୁ ସେ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ବ୍ୟକ୍ତିଗତ ମହତ୍ୱାକାଂକ୍ଷା ଠାରୁ ଉର୍ଦ୍ଧ୍ୱରେ ରଖିଥିଲେ । କିନ୍ତୁ ବର୍ତ୍ତମାନ ଟ୍ରମ୍ପ ଏହି ଗଣତାନ୍ତ୍ରିକ ସଂଯମତାକୁ ସମ୍ପୂର୍ଣ୍ଣ ରୂପେ ଉପେକ୍ଷା କରି ଦେଶର ସମସ୍ତ ସଂସ୍ଥାକୁ ନିଜର ବ୍ୟକ୍ତିଗତ ଜାଗିର ଭାବରେ ବ୍ୟବହାର କରୁଛନ୍ତି ।

ଆଉ ଏକ ଐତିହାସିକ ଉଦାହରଣ ହେଉଛି ୧୯୭୬ ମସିହା, ଯେତେବେଳେ ଆମେରିକା ନିଜର ୨୦୦ତମ ବାର୍ଷିକୀ ବା 'ବାଇସେଣ୍ଟେନିଆଲ୍' ପାଳନ କରିଥିଲା । ସେହି ସମୟରେ ଦେଶର ରାଷ୍ଟ୍ରପତି ଥିଲେ ଜେରାଲ୍ଡ ଫୋର୍ଡ । ରିଚାର୍ଡ ନିକ୍ସନଙ୍କ ଇସ୍ତଫା, ଭିଏତନାମ ଯୁଦ୍ଧର ବିଫଳତା ଏବଂ ୱାଟରଗେଟ୍ କେଲେଙ୍କାରୀ ପରେ ଦେଶର ନୈତିକ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା । ୧୯୭୦ ଦଶକର ତୈଳ ସଙ୍କଟ ଯୋଗୁଁ ମୁଦ୍ରାସ୍ଫୀତି ଆକାଶଛୁଆଁ ହୋଇଥିଲା ଏବଂ ୧୯୩୦ ଦଶକର ମହାମନ୍ଦାବସ୍ଥା ପରେ ପ୍ରଥମ ଥର ପାଇଁ ଲୋକଙ୍କ ଆୟ ସ୍ଥିର ହୋଇଯାଇଥିଲା । ଏଭଳି ଏକ ସଙ୍କଟଜନକ ଏବଂ ନୈରାଶ୍ୟଜନକ ପରିସ୍ଥିତିରେ ଫୋର୍ଡ କୌଣସି ଆଡମ୍ବରପୂର୍ଣ୍ଣ ଉତ୍ସବ କିମ୍ବା ନିଜ ନାମରେ କୌଣସି ବିଶାଳ ସ୍ମାରକୀ ନିର୍ମାଣ କରିନଥିଲେ । ଏହା ପରିବର୍ତ୍ତେ, ସେ ଜୁଲାଇ ୪ ତାରିଖରେ ଆମେରିକାର ଅନ୍ୟତମ ପ୍ରତିଷ୍ଠାତା ଥୋମାସ୍ ଜେଫରସନଙ୍କ ଐତିହାସିକ ବାସଭବନ 'ମଣ୍ଟିସେଲୋ'ଠାରେ ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବାସୀମାନଙ୍କୁ ଆମେରିକୀୟ ନାଗରିକତ୍ୱ ପ୍ରଦାନ କରିଥିଲେ । ଫୋର୍ଡଙ୍କ ଏହି ପଦକ୍ଷେପ ଥିଲା ସମାବେଶୀ, ଯାହା ବିଭାଜିତ ଦେଶବାସୀଙ୍କୁ ଏକଜୁଟ କରିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ବିଶ୍ୱାସ ଫେରାଇ ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ଟ୍ରମ୍ପଙ୍କ ୨୫୦ତମ ବାର୍ଷିକୀ ପାଳନର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ, ଯାହା କେବଳ ତାଙ୍କର ଅହଂକାରକୁ ସନ୍ତୁଷ୍ଟ କରିବା ପାଇଁ ଏକ ମଞ୍ଚ ପ୍ରସ୍ତୁତ କରୁଛି ।

ଏହି ସଂକୀର୍ଣ୍ଣତାର ମୂଳଦୁଆ ବୋଧହୁଏ ୨୦୦୦ ଦଶକର ଆରମ୍ଭରେ ପଡ଼ିଥିଲା ଏବଂ ବର୍ତ୍ତମାନ ତାହା ଏକ ବିକଟାଳ ରୂପ ଧାରଣ କରିଛି । ୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖର ଭୟାବହ ଆକ୍ରମଣ ପରେ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଦେଶଭକ୍ତିକୁ ଏକ କଠୋର ଆନୁଗତ୍ୟର ପରୀକ୍ଷା ଭାବରେ ବ୍ୟବହାର କରିବା ଆରମ୍ଭ କରିଥିଲେ । ସେ ଅନ୍ତର୍ଜାତୀୟ ସ୍ତରରେ ସ୍ପଷ୍ଟ ଭାବରେ କହିଥିଲେ ଯେ ହୁଏତ ତୁମେ ଆମ ସାଥିରେ ଅଛ, ନଚେତ୍ ଆତଙ୍କବାଦୀଙ୍କ ସାଥିରେ ଅଛ । ଏହି ସମୟରେ ଆମେରିକାରେ 'ପ୍ୟାଟ୍ରିଅଟ୍ ଆକ୍ଟ' ଭଳି କଠୋର ଆଇନ ଲାଗୁ କରାଗଲା, ଯାହାଦ୍ୱାରା ସାଧାରଣ ନାଗରିକମାନଙ୍କ ଉପରେ ସରକାରୀ ନଜର ରଖିବା ବୃଦ୍ଧି ପାଇଲା ଏବଂ ବିରୋଧୀ ସ୍ୱରକୁ କ୍ରମଶଃ ଦେଶଦ୍ରୋହ ଭାବରେ ଚିତ୍ରଣ କରାଗଲା । ବୁଶଙ୍କ ସମୟରେ ଆରମ୍ଭ ହୋଇଥିବା ଏହି ଆନୁଗତ୍ୟ-ଭିତ୍ତିକ ଦେଶଭକ୍ତିକୁ ଟ୍ରମ୍ପ ବର୍ତ୍ତମାନ ଏକ ଭୟଙ୍କର ଚରମ ସୀମାରେ ପହଞ୍ଚାଇଛନ୍ତି । ଟ୍ରମ୍ପଙ୍କ ପାଇଁ ଦେଶଭକ୍ତିର ଅର୍ଥ ଦେଶର ସମ୍ବିଧାନ, ଗଣତାନ୍ତ୍ରିକ ପ୍ରକ୍ରିୟା କିମ୍ବା ଆଇନ ପ୍ରତି ଆନୁଗତ୍ୟ ନୁହେଁ, ବରଂ ବ୍ୟକ୍ତିଗତ ଭାବେ କେବଳ ତାଙ୍କ ପ୍ରତି ନିଃସର୍ତ୍ତ ଆନୁଗତ୍ୟ ପ୍ରଦର୍ଶନ କରିବା । ଯିଏ ତାଙ୍କୁ ସମାଲୋଚନା କରେ, ତାକୁ ସେ ସିଧାସଳଖ ଦେଶଦ୍ରୋହୀ ଆଖ୍ୟା ଦେବାକୁ ପଛାଉନାହାନ୍ତି ।

ଅବଶ୍ୟ ଏହା ଏକ ଐତିହାସିକ ସତ୍ୟ ଯେ ଆମେରିକାର ସ୍ୱାଧୀନତା ଏବଂ ସମାନତାର ଦାବି ସର୍ବଦା ବିରୋଧାଭାସରେ ପୂର୍ଣ୍ଣ ରହିଆସିଛି ଏବଂ ଏହା କେବେବି ସମ୍ପୂର୍ଣ୍ଣ ନିଖୁଣ ନଥିଲା । ସିଦ୍ଧାନ୍ତରେ ସମସ୍ତ ମଣିଷ ସମାନ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ, ବାସ୍ତବରେ ଆମେରିକା କେବେ ବି ସମସ୍ତଙ୍କୁ ସମାନ ଅଧିକାର ଦେଇନାହିଁ । ଜର୍ଜ ୱାଶିଂଟନ ନିଜେ ଶହ ଶହ ଆଫ୍ରିକୀୟ ଲୋକଙ୍କୁ କ୍ରୀତଦାସ କରି ରଖିଥିଲେ ଏବଂ ଖସି ପଳାଇଥିବା କ୍ରୀତଦାସମାନଙ୍କୁ ନିର୍ଦ୍ଦୟ ଭାବେ ଧରିବାକୁ ଆଇନଗତ ପ୍ରୟାସ କରିଥିଲେ । ବିଂଶ ଶତାବ୍ଦୀର ଆରମ୍ଭରେ ରାଷ୍ଟ୍ରପତି ଉଡ୍ରୋ ୱିଲସନ୍ ସରକାରୀ ଚାକିରି କ୍ଷେତ୍ରରେ ବର୍ଣ୍ଣବୈଷମ୍ୟ ନୀତି ଲାଗୁ କରିଥିଲେ ଏବଂ ଆମେରିକୀୟ ଇତିହାସ ବିଷୟରେ ଅନେକ ଜାତିଆଣ ଭିତ୍ତିହୀନ ତଥ୍ୟକୁ ପ୍ରୋତ୍ସାହିତ କରିଥିଲେ । ଏପରିକି ଫ୍ରାଙ୍କଲିନ୍ ଡି. ରୁଜଭେଲ୍ଟଙ୍କ ଯୁଗାନ୍ତକାରୀ 'ନ୍ୟୁ ଡିଲ୍' ଏବଂ 'ଜିଆଇ ବିଲ୍' ଯାହା ଆମେରିକାର ମଧ୍ୟବିତ୍ତ ଶ୍ରେଣୀର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଥିଲା, ସେଥିରୁ ଆଫ୍ରିକୀୟ ଆମେରିକୀୟ ଏବଂ ମୂଳ ନିବାସୀମାନଙ୍କୁ ସୁଚିନ୍ତିତ ଭାବେ ବାଦ୍ ଦିଆଯାଇଥିଲା । ତେଣୁ ଟ୍ରମ୍ପଙ୍କ ବିଭାଜନକାରୀ ଦେଶଭକ୍ତି ସମ୍ପୂର୍ଣ୍ଣ ନୂଆ ନୁହେଁ, କିନ୍ତୁ ଏହା ଅତୀତର ରାଷ୍ଟ୍ରପତିମାନଙ୍କ ତୁଳନାରେ ବହୁତ ଅଧିକ ସ୍ପଷ୍ଟ ଏବଂ ଖୋଲାଖୋଲି ଭାବେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମାଜରୁ ବାଦ୍ ଦେବା ଉପରେ ଆଧାରିତ ଅଟେ ।

ଟ୍ରମ୍ପଙ୍କ ଏହି ରାଜନୈତିକ ଆଚରଣକୁ ରାଜନୈତିକ ବିଶେଷଜ୍ଞମାନେ ଏକ 'କର୍ପୋରେଟ୍ ରେଡର'ବା ବ୍ୟବସାୟିକ ଅଧିଗ୍ରହଣକାରୀଙ୍କ କାର୍ଯ୍ୟଶୈଳୀ ସହିତ ତୁଳନା କରୁଛନ୍ତି, ଯାହାକି ଏକ ଅତ୍ୟନ୍ତ ସଠିକ୍ ବିଶ୍ଳେଷଣ ଅଟେ । ଯେପରି ଜଣେ କର୍ପୋରେଟ୍ ରେଡର୍ ଏକ ଦୁର୍ବଳ ସଂସ୍ଥାକୁ ଅଧିଗ୍ରହଣ କରେ, ତାର ମୁଖ୍ୟ ଫାଟକରେ ନିଜ ନାମ ଲେଖେ, କେବଳ ନିଜର ଅନୁଗତମାନଙ୍କୁ ଉଚ୍ଚ ପଦବୀରେ ବସାଇ ପୁରସ୍କୃତ କରେ ଏବଂ ସଂସ୍ଥାରୁ ସମସ୍ତ ଆର୍ଥିକ ଲାଭ ଉଠାଇନିଏ, ଠିକ୍ ସେହିପରି ଟ୍ରମ୍ପ ଆମେରିକୀୟ ସରକାର ଏବଂ ଗଣତନ୍ତ୍ରକୁ ବ୍ୟବହାର କରୁଛନ୍ତି। ସେ ଦେଶକୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପରିବର୍ତ୍ତେ ନିଜର ଏକ ବ୍ୟବସାୟିକ ସାମ୍ରାଜ୍ୟ ଭାବରେ ଦେଖୁଛନ୍ତି । ନିଜକୁ ସର୍ବଶ୍ରେଷ୍ଠ ଦର୍ଶାଇବା ଏବଂ ଦେଶର ପରିଚୟ ସହିତ ନିଜର ବ୍ୟକ୍ତିଗତ ପରିଚୟକୁ ଏକାକାର କରିଦେବା ଏକ ଅତ୍ୟନ୍ତ ବିପଜ୍ଜନକ ପ୍ରବଣତା ଅଟେ । ଏହା ଏକଛତ୍ରବାଦୀ ମାନସିକତାର ପରିଚୟ ଦିଏ, ଯେଉଁଠାରେ ନେତା ହିଁ ରାଷ୍ଟ୍ର ଏବଂ ରାଷ୍ଟ୍ର ହିଁ ନେତା ପାଲଟିଯାଏ। ଦେଶର ସମ୍ବଳ, ଇତିହାସ ଏବଂ ସମ୍ମାନକୁ ସେ ନିଜର ବ୍ୟକ୍ତିଗତ ପୁଞ୍ଜି ଭାବରେ ବ୍ୟବହାର କରୁଛନ୍ତି, ଯାହାକି ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଉଛି । ଗଣତନ୍ତ୍ରରେ ଯେତେବେଳେ କୌଣସି ଜାତୀୟ ଉତ୍ସବକୁ ବ୍ୟକ୍ତିଗତ ମହିମାମଣ୍ଡନ ପାଇଁ ବ୍ୟବହାର କରାଯାଏ, ସେତେବେଳେ ଏହା ସାଧାରଣ ନାଗରିକଙ୍କୁ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରୁ ଦୂରେଇ ଦିଏ ଏବଂ ସମାଜରେ ତୀବ୍ର ମେରୁକରଣ ସୃଷ୍ଟି କରେ । ଆମେରିକାର ସମ୍ବିଧାନ 'ଆମେ ଲୋକମାନେ' ବା 'ୱି ଦି ପିପୁଲ୍' ଶବ୍ଦରୁ ଆରମ୍ଭ ହୋଇଥିବା ବେଳେ, ଟ୍ରମ୍ପଙ୍କ ବିଚାରଧାରା କେବଳ ନିଜ ସ୍ୱାର୍ଥ ଉପରେ ପର୍ଯ୍ୟବସିତ। ୨୫୦ ବର୍ଷର ଏହି ଲମ୍ବା ଯାତ୍ରାରେ ଆମେରିକା ଅନେକ ଗୃହଯୁଦ୍ଧ, ଅର୍ଥନୈତିକ ମହାମନ୍ଦାବସ୍ଥା ଏବଂ ବିଶ୍ୱଯୁଦ୍ଧର ସମ୍ମୁଖୀନ ହୋଇଛି, କିନ୍ତୁ ପ୍ରତ୍ୟେକ ଥର ଦେଶର ସାମୂହିକ ସଂକଳ୍ପ ଏହାକୁ ରକ୍ଷା କରିଆସିଛି । ବର୍ତ୍ତମାନର ପରିସ୍ଥିତିରେ ଯେତେବେଳେ ଦେଶ ଏକାଠି ହୋଇ ନିଜର ଐତିହାସିକ ସଫଳତାକୁ ପାଳନ କରିବା କଥା, ସେତେବେଳେ ଟ୍ରମ୍ପଙ୍କ ଏହି ଆତ୍ମପ୍ରଚାର ମୂଳକ ନୀତି ଦେଶବାସୀଙ୍କୁ ଦୁଇ ଭାଗରେ ବିଭକ୍ତ କରିଦେଉଛି । ଏହା କେବଳ ଆମେରିକାର ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରୁନାହିଁ, ବରଂ ସମଗ୍ର ବିଶ୍ୱରେ ଗଣତନ୍ତ୍ରର ଭବିଷ୍ୟତ ଉପରେ ଏକ ପ୍ରଶ୍ନଚିହ୍ନ ଲଗାଇ ଦେଇଛି, କାରଣ ଆମେରିକାକୁ ଅନେକ ବିକାଶଶୀଳ ରାଷ୍ଟ୍ର ଏକ ଗଣତାନ୍ତ୍ରିକ ଆଦର୍ଶ ଭାବରେ ଗ୍ରହଣ କରିଥାନ୍ତି ।

ଶେଷରେ, ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବ ପାଳନର ସମୟ ନୁହେଁ, ବରଂ ଏହା ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଉପରେ ଗଭୀର ଆତ୍ମସମୀକ୍ଷା କରିବାର ଏକ ସୁବର୍ଣ୍ଣ ସୁଯୋଗ ଅଟେ । ପ୍ରଶ୍ନ ଏହା ନୁହେଁ ଯେ ଟ୍ରମ୍ପ ଦେଶଭକ୍ତିର ରାଜନୀତିକରଣ କରୁଛନ୍ତି କି ନାହିଁ, କାରଣ ଦେଶଭକ୍ତି ସର୍ବଦା ରାଜନୈତିକ ହୋଇଥାଏ ଏବଂ ପ୍ରତ୍ୟେକ ନେତା ନିଜ ସ୍ୱାର୍ଥ ପାଇଁ ଏହାର ବ୍ୟବହାର କରିଥାନ୍ତି । କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି, ଏହି ଦେଶଭକ୍ତି ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥ ସାଧନ ପାଇଁ ବ୍ୟବହୃତ ହେବ, ନା ଏହା କେବଳ ଟ୍ରମ୍ପଙ୍କ ବ୍ୟକ୍ତିଗତ ସମ୍ପତ୍ତି ଏବଂ ଅହଂକାର ବୃଦ୍ଧିର ଏକ ମାଧ୍ୟମ ହୋଇ ରହିଯିବ । ଆଗାମୀ ଦିନରେ ଆମେରିକାର ଜନସାଧାରଣଙ୍କୁ ଏହା ବିଚାର କରିବାକୁ ପଡ଼ିବ ଯେ ସେମାନେ ୱାଶିଂଟନ ଏବଂ ଫୋର୍ଡଙ୍କ ଭଳି ସମାବେଶୀ, ସେବାମୂଳକ ଦେଶଭକ୍ତି ଚାହୁଁଛନ୍ତି ନା ଟ୍ରମ୍ପଙ୍କ ଆତ୍ମକୈନ୍ଦ୍ରିକ, ଅହଂକାରୀ ଏବଂ ବିଭାଜନକାରୀ ଦେଶଭକ୍ତିକୁ ଗ୍ରହଣ କରିବେ । ଏହି ନିଷ୍ପତ୍ତି କେବଳ ଆମେରିକାର ଭବିଷ୍ୟତ ନିର୍ଦ୍ଧାରଣ କରିବ ନାହିଁ, ବରଂ ସମଗ୍ର ବିଶ୍ୱର ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ନୂତନ ଦିଗଦର୍ଶକ ସାଜିବ ।

# ଭାରତର ବଢୁଥିବା ବୈଶ୍ୱିକ ପ୍ରଭାବ ଓ ଏଫଏଟିଏଫରେ ଭାରତ



**ଡ. ସମନ୍ୱୟ ନନ୍ଦ**

କୌଣସି ଦେଶର ନିରାପତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ ପ୍ରସଙ୍ଗ । ପୂର୍ବରୁ ବାହ୍ୟ ଶତ୍ରୁ କହିଲେ ଦେଶର ସୀମାରେ ଠିଆ ହୋଇଥିବା ଶତ୍ରୁ କଥା ବୁଝା ଯାଉଥିଲା । ମାତ୍ର ବର୍ତମାନ ପରିସ୍ଥିତିରେ ଏହି ସ୍ଥିତି ନାହିଁ । ବୈଶ୍ୱିକ ନିରାପତାକୁ ନେଇ ଯେଉଁ ଆହ୍ୱାନ ବର୍ତମାନ ରହିଛି ତାହା କେବଳ ସୀମାରେ ଠିଆ ହୋଇଥିବା ଶତ୍ରୁ ପର୍ଯ୍ୟନ୍ତ ସୀମିତ ହୋଇ ରହି ନାହିଁ । ବାହ୍ୟ ଶତ୍ରୁ ମାନେ ଏବେ ସୀମାରେ ପ୍ରତ୍ୟକ୍ଷ ଆକ୍ରମଣ କରିବା ପରିବର୍ତେ ଅନ୍ୟ ପନ୍ଥା ଆପଣାଉଛନ୍ତି । ତେଣୁ ପାକିସ୍ତାନ ଭଳି ଦେଶ ଗତ କିଛି ଦଶନ୍ଧି ଧରି ସିଧା ସିଧା ଲଢିବା ପରିବର୍ତେ ଭାରତ ଭଳି ଦେଶକୁ ଅସ୍ଥିର କରିବା ପାଇଁ ପ୍ରଶିକ୍ଷିତ ଆତଙ୍କବାଦୀ ମାନଙ୍କୁ ପଠାଇ ଭାରତ ଉପରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି । ଏହା ଦ୍ୱାରା କମ ଖର୍ଚରେ ପାକିସ୍ତାନ ଭାରତକୁ ଲହୁଲୁହାଣ କରି ଆସୁଛି । ତେବେ ଏହି ଆତଙ୍କବାଦୀ ସଂଗଠନ ଓ ଦେଶ ଭିତରେ ରେଡିକାଲାଇଜେସନ ପାଇଁ ଅର୍ଥର ଆବଶ୍ୟକତା ରହିଥାଏ । ଆତଙ୍କବାଦ ପାଇଁ ଅର୍ଥ ବିଭିନ୍ନ ବେଆଇନ ଉପାୟରେ ଏକତ୍ରିତ କରାଯାଇଥାଏ । ମନି ଲଣ୍ଡ୍ରିଂ ନେଟୱର୍କ, ସାଇବର ଅପରାଧ, ଡ୍ରଗ୍ସ କାର୍ଟେଲ, ହୱାଲା ନେଟୱର୍କ ତଥା ସଂଗଠିତ ଅପରାଧ ଜରିଆରେ ଏହି କାର୍ଯ୍ୟ କରାଯାଇଥିଲା । ତେଣୁ ଆତଙ୍କବାଦକୁ ରୋକିବାକୁ ହେଲେ ସେମାନଙ୍କୁ ଅର୍ଥ ପହଂଚାଉଥିବା ଆର୍ଥିକ ତନ୍ତ୍ର ଓ ଇକୋ ସିଷ୍ଟମ ଉପରେ ଲଗାତାର କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇଥାଏ । ତେଣୁ ଅନ୍ୟ ଶବ୍ଦରେ କହିବାକୁ ଗଲେ କୌଣସି ଦେଶର ସ୍ଥିରତା ଓ ସୁରକ୍ଷା ପାଇଁ ଆତଙ୍କବାଦକୁ ଧନ ପ୍ରଦାନ କରାଯାଉଥିବା ଇକୋ ସିଷ୍ଟମକୁ ଧ୍ୱସ୍ତ କରିବା ଅତ୍ୟନ୍ତ ଆବଶ୍ୟକ । ଏଭଳି ପରିସ୍ଥିତିରେ ବିଶ୍ୱର ଆର୍ଥିକ ସୁରକ୍ଷାର ପ୍ରହରୀ ଭାବେ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ବା (ଏଫଏଟିଏଫ) ନାମକ ସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । କିଛି ଦିନ ପୂର୍ବରୁ ଭାରତର ଜଣେ ଅଧିକାରୀ ବିବେକ ଅଗ୍ରୱାଲଙ୍କୁ ଏହି ବୈଶ୍ୱିକ ସଂସ୍ଥାର ଉପାଧକ୍ଷ ଭାବେ ନିର୍ବାଚିତ କରାଯାଇଛି। ଏହା କେବଳ ଜଣେ ଭାରତୀୟ ଅଧିକାରୀଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ବିଶ୍ୱ ଆର୍ଥିକ ଶାସନ ବ୍ୟବସ୍ଥାରେ ଭାରତର ବୃଦ୍ଧି ପାଉଥିବା ସ୍ୱୀକୃତି, ବିଶ୍ୱସନୀୟତା ଏବଂ ପ୍ରଭାବର ଏକ ସ୍ପଷ୍ଟ ପ୍ରତୀକ ବୋଲି କୁହା ଯାଇ ପାରେ । ।

ଏବେ ବୁଝିବାକୁ ଚେଷ୍ଟା କରିବା ଯେ ଏଫଏଟିଏଫ କ'ଣ ଏବଂ ଏହାର ଭୂମିକା କାହିଁକି ଗୁରୁତ୍ୱପୂର୍ଣ୍ଣ ? ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ) ର ସ୍ଥାପନା ୧୯୮୯ ମସିହାରେ ପ୍ୟାରିସରେ ଆୟୋଜିତ ଜି-୭ ସମ୍ମିଳନୀ ସମୟରେ କରାଯାଇଥିଲା। ପ୍ରାରମ୍ଭରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅର୍ଥ ଶୋଧନ (ମନି ଲଣ୍ଡରିଂ) ଉପରେ ନିୟନ୍ତ୍ରଣ ସ୍ଥାପନ କରିବା। କିନ୍ତୁ ୨୦୦୧ ମସିହାର ୧୧ ସେପ୍ଟେମ୍ବର ଆମେରିକାରେ ଆତଙ୍କବାଦୀ ଆକ୍ରମଣ ପରେ ଏହାର କାର୍ଯ୍ୟକ୍ଷେତ୍ରକୁ ବିସ୍ତାର କରାଯାଇ ଆତଙ୍କବାଦର ଅର୍ଥ ପହଂଚାଇବାକୁ ରୋକିବାର ଦାୟିତ୍ୱକୁ ମଧ୍ୟ ସାମିଲ କରାଗଲା। ପରବର୍ତ୍ତୀ ସମୟରେ ଗଣବିନାଶକାରୀ ଅସ୍ତ୍ରର ପ୍ରସାର ସହ ଜଡିତ ଆର୍ଥିକ ନେଟୱାର୍କଗୁଡ଼ିକ ଉପରେ ନଜର ରଖିବା ମଧ୍ୟ ଏହାର ଦାୟିତ୍ୱ ମଧ୍ୟରେ ଆସିଲା ।

ବର୍ତମାନ ଏଫଏଟିଏଫ ଙ୍କ ମାନକ ଓ ନିର୍ଦ୍ଦେଶାବଳୀକୁ ବିଶ୍ୱର ୨୦୦ରୁ ଅଧିକ ଦେଶ ଅନୁସରଣ କରୁଛନ୍ତି। ଏହାର ସୁପାରିଶଗୁଡ଼ିକ ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ସ୍ୱଚ୍ଛତା, ଉତରଦାୟିତ୍ୱ ଓ ସୁରକ୍ଷା ସୁନିଶ୍ଚିତ କରିବାର ମୌଳିକ ଆଧାର ଭାବେ ବିବେଚିତ ହୋଇଥାଏ। ଆତଙ୍କବାଦୀ କାର୍ଯ୍ୟକଳାପକୁ ଆର୍ଥିକ ପ୍ରୋତ୍ସାହନ ଦେବା ଉପରେ ନଜର ରଖୁଥିବା ଏହି ସଂସ୍ଥା କୌଣସି ଦେଶକୁ ଗ୍ରେ ଲିଷ୍ଟ କିମ୍ବା ବ୍ଲାକ ଲିଷ୍ଟରେ ସାମିଲ କରିଥାଏ । ଏହି ଭଳି ଗ୍ରେ କିମ୍ବା ବ୍ଲାକ ଲିଷ୍ଟରେ ସାମିଲ ହେବା ଦ୍ୱାରା ଉକ୍ତ ଦେଶ ମାନଙ୍କର ଆର୍ଥିକ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ ଓ ଏହା ଦ୍ୱାରା ବିଦେଶୀ ପୁଂଜି ନିବେଶକାରୀ ମାନେ ଉକ୍ତ ଦେଶରେ ପୁଂଜି ନିବେଶ କରି ନଥାନ୍ତି । ଏଭଳି ସ୍ଥିତିରେ ଉକ୍ତ ଦେଶ ମାନଙ୍କରେ ପୁଂଜି ନିବେଶ ସମ୍ଭାବନା ଉପରେ ଗଭୀର ଓ ଦୀର୍ଘମିଆଦି ପ୍ରଭାବ ପଡିଥାଏ ।

ବର୍ତମାନ ସୁଦ୍ଧା ଭାରତ ଏଫଏଟିଏଫରେ ଏକ ଦୀର୍ଘ ଓ ସଫଳ ଯାତ୍ରା ଅତିକ୍ରମ କରି ସାରିଛି । ଭାରତ ୨୦୦୬ ମସିହାରେ ଏଫଏଟିଏଫରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲା ଏବଂ ୨୦୧୦ ମସିହାରେ ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା। ଏହାପରେ ଭାରତ ନିଜର ଆର୍ଥିକ ଏବଂ ଆଇନଗତ ଢାଂଚାରେ ବ୍ୟାପକ ସଂସ୍କାର ଆଣିଥିଲା। ପ୍ରିଭେନ୍ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ), ଅବୈଧ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ (ୟୁଏପିଏ), ବେନାମୀ ସମ୍ପତ୍ତି ଆଇନ ଏବଂ ବିଦେଶୀ ମୁଦ୍ରା ପରିଚାଳନା ଅଧିନିୟମ ( ଫେମା ପରି ଆଇନଗୁଡ଼ିକୁ ଏଫଏଟିଏଫର ମାନକ ଅନୁରୂପ ଅଧିକ ସୁଦୃଢ଼ କରାଯାଇଥିଲା।

ଏହା ସହିତ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି ), ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ ( ଏଫଆଇୟୁ) , ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ), ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ସେବି (ସେବି ) ପରି ସଂସ୍ଥାମାନଙ୍କ ମାଧ୍ୟମରେ ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ ଓ ପ୍ରଭାବଶାଳୀ କରାଯାଇଥିଲା। ୨୦୧୭ ମସିହାରେ ରାଜସ୍ୱ ବିଭାଗ ଅଧୀନରେ ଏଫଏଟିଏଫ ସେଲ୍ ର ସ୍ଥାପନା ମଧ୍ୟ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।ଏହି ସମସ୍ତ ପ୍ରୟାସର ପରିଣାମସ୍ୱରୂପ, ଭାରତକୁ ଏଫଏଟିଏଫ ର ନିୟମିତ ଅନୁପାଳନ ଶ୍ରେଣୀରେ ସ୍ଥାନ ଦିଆଯାଇଥିଲା ଏବଂ ଅନେକ ସମୟରେ ଏହାର ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା ମଧ୍ୟ ମିଳିଥିଲା।


ବର୍ତମାନ ପ୍ରଶ୍ନ ଉଠୁଛି ଯେ, ଭାରତୀୟ ଅଧିକାରୀ ବିବେକ ଅଗ୍ରୱାଲଙ୍କ ଏଫଏଟିଏଫ ର ଉପାଧକ୍ଷ ପଦକୁ ନିର୍ବାଚିତ ହେବାର କଣ ମହତ୍ୱ ରହିଛି ? ଆନ୍ତର୍ଜାତିକ ସ୍ତରରେ ଭାରତର ଆର୍ଥିକ ସ୍ୱଚ୍ଛତା ଏବଂ ଆତଙ୍କବାଦ ବିରୋଧୀ ପ୍ରତିବଦ୍ଧତା ଉପରେ ସମ୍ପୂର୍ଣ ବିଶ୍ୱର ଗଭୀର ଆସ୍ଥା ରହିଥିବାର ଏହା ହେଉଛି ସ୍ପଷ୍ଟ ସଂକେତ । ଏଫଏଟିଏଫ ର ଇତିହାସରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ଅଧିକାରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି।

ଏହି ସଫଳତା ଯେ କେବଳ ଭାରତକୁ ଏଫଏଟିଏଫ ର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶୀଦାର କରିବ ତାହା ନୁହେଁ ବରଂ ବିଶ୍ୱ ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ଏଜେଣ୍ଡାକୁ ପ୍ରଭାବିତ କରିବାର ଏକ ମୂଲ୍ୟବାନ ସୁଯୋଗ ମଧ୍ୟ ପ୍ରଦାନ କରିବ । ଭାରତର ଦୀର୍ଘ ଦିନ ଧରି ସ୍ପଷ୍ଟ ମତ ରହି ଆସିଛି ଓ ଭାରତ ଦାବି କରିଆସୁଛି ଯେ, ଆତଙ୍କବାଦ ଏବଂ ଏହାକୁ ଅର୍ଥ ପ୍ରଦାନ କରୁଥିବା ସମୂହ ଗୁଡିକ ହେଉଛନ୍ତି ଏକେ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆତଙ୍କବାଦକୁ ଫଣ୍ଡିଂ ବନ୍ଦ କରାଯାଇ ପାରିଲେ ଆତଙ୍କବାଦକୁ ସମାପ୍ତ କରାଯାଇ ପାରିବ । ବର୍ତମାନ ଭାରତ ନିଜର ଏହି ଦୃଷ୍ଟିକୋଣକୁ ଆନ୍ତର୍ଜାତିକ ନୀତି ନିର୍ମାଣ ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରିପାରିବ। ବିଶେଷକରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ, ହାୱାଲା ନେଟୱାର୍କ, ସୀମାପାର ଆର୍ଥିକ ଅପରାଧ ଏବଂ ଆତଙ୍କବାଦୀ ଫଣ୍ଡିଂ ପରି ପ୍ରସଙ୍ଗଗୁଡ଼ିକ ଉପରେ ଭାରତର ସ୍ୱର ପୂର୍ବାପେକ୍ଷା ଅଧିକ ଦୃଢ଼ ଏବଂ ପ୍ରଭାବଶାଳୀ ହେବ।

ଭାରତ ନିଜକୁ କେବଳ ନିଜର ରାଷ୍ଟ୍ରୀୟ ସ ସ୍ୱାର୍ଥର ସୀମା ମଧ୍ୟରେ ସୀମିତ ରଖି ନାହିଁ । ଭାରତ ସର୍ବଦା ଏସିଆ, ଆଫ୍ରିକା ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶମାନଙ୍କର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ବିଶ୍ୱସ୍ତରୀୟ ମଂଚରେ ଉପସ୍ଥାପନ କରି ଆସିଛି । ଫଏଟିଏଫ ରେ ଭାରତକୁ ଉପାଧକ୍ଷ ପଦ ମିଳିବା ଦ୍ୱାରା ଭାରତର ଭୂମିକା ନିଶ୍ଚିତ ଭାବେ ବଢିବ ଓ ଅନ୍ୟ ବିକାଶଶୀଳ ଦେଶମାନଙ୍କର ସମସ୍ୟା, ଆବଶ୍ୟକତାକୁ ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥାରେ ଯଥୋଚିତ ସ୍ଥାନ ପ୍ରଦାନ କରାଇବାରେ ଭାରତ ନିଶ୍ଚିତ ଭାବେ ସହାୟକ ହେବ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଭାରତକୁ ଗ୍ଲୋବାଲ ସାଉଥ ଦେଶ ମାନଙ୍କର ସ୍ୱର ହେବାର ସୁଯୋଗ ମିଳିବ ।

ଏଫଏଟିଏଫରେ ଭାରତକୁ ଉପାଧକ୍ଷ ପଦ ପ୍ରାପ୍ତ ହେବା କେବଳ ଏକ କୂଟନୈତିକ ସଫଳତା ନୁହେଁ, ବରଂ ଭାରତର ବଢୁଥିବା ବିଶ୍ୱସନୀୟତା, ଆର୍ଥିକ କ୍ଷମତା ଏବଂ ରଣନୈତିକ ପ୍ରଭାବର ଏକ ଦୃଢ଼ ପ୍ରମାଣ। ଅତୀତକୁ ଯଦି ଆମେ ଦେଖିବା ତେବେ ଦୁଇ ଦଶନ୍ଧି ପୂର୍ବରୁ ଯେଉଁ ଭାରତ ଏଫଏଟିଏଫ ର ସଦସ୍ୟତା ହାସଲ କରିବା ପାଇଁ ପ୍ରୟାସରତ ଥିଲା, ସେହି ଭାରତ ଆଜି ବିଶ୍ୱ ଆର୍ଥିକ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ଢାଂଚାର ନେତୃତ୍ୱ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସ୍ଥିତିକୁ ପହଂଚିଛି। ଆଗାମୀ ବର୍ଷଗୁଡ଼ିକରେ କ୍ରିପଟୋ କରେନ୍ସି, କୃତ୍ରିମ ବୁଦ୍ଧିମତା ଆଧାରିତ ଆର୍ଥିକ ଅପରାଧ, ଡାର୍କ ୱେବ୍ ଏବଂ ସୀମାପାର ଆତଙ୍କବାଦୀ ଫଣ୍ଡିଂ ପରି ନୂତନ ଚ୍ୟାଲେଞ୍ଜ ସାମ୍ନାକୁ ଆସିବ। ଏପରି ସମୟରେ ଏଫଏଟିଏଫ ରେ ଭାରତର ଉପସ୍ଥିତି କେବଳ ଜାତୀୟ ସ୍ୱାର୍ଥର ସୁରକ୍ଷା କରିବ ନୁହେଁ, ବରଂ ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଉତରଦାୟୀ କରିବାରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ଦେବ । ପ୍ରକୃତରେ, ଏହି ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବୈଶ୍ୱିକ ମଂଚରେ ଉଦୀୟମାନ ଭାରତର ନେତୃତ୍ୱ କ୍ଷମତା, ଦୂରଦର୍ଶୀ ଦୃଷ୍ଟିକୋଣ ଏବଂ ଭାରତର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବର ପ୍ରତୀକ ।

# ନାଗରିକତାର ପ୍ରମାଣପତ୍ର କ'ଣ



**ଗୋପାଳ ମହାପାତ୍ର**

ନାଗରିକତାର ପ୍ରମାଣ ପତ୍ରକୁ ନେଇ ଦେଶରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରଥମେ ଆଧାରକାର୍ଡକୁ ନାଗରିକତା ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏହା ପରେ ବିହାର, ପଶ୍ଚିମବଂଗ ସମେତ କେତେକ ରାଜ୍ୟରେ ଏସ୍ଆଇଆର କରାଗଲା। ଏବେ ବୈଦେଶିକ ମନ୍ତ୍ରାଳୟ ତରଫରୁ କୁହାଯାଇଛି ଯେ ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣପତ୍ର ନୁହେଁ। ବୈଦେଶିକ ମନ୍ତ୍ରାଳୟର ଏହି ବୟାନ ପରେ ଏବେ ପ୍ରଶ୍ନ ଉଠୁଛି ଯେ ତେବେ ଭାରତୀୟ ନାଗରିକ କିଏ? ଭାରତର ନାଗରିକତା ପାଇଁ ପ୍ରମାଣ ପତ୍ରର ଆଧାର କ'ଣ? ମୁଖ୍ୟ କଥା ହେଉଛି ଭାରତରେ ନାଗରିକତାର କୌଣସି ପ୍ରାମାଣିକ ଆଧାର-ପତ୍ର ନାହିଁ। ଅନେକ ଦେଶରେ ନାଗରିକ (ସିଟିଜନ) କାର୍ଡର ବ୍ୟବସ୍ଥା ରହିଛି। ଭାରତରେ ଜଣେ ବ୍ୟକ୍ତିକୁ ଅନେକ ପ୍ରକାରର କାର୍ଡ ରଖିବାକୁ ପଡିଥାଏ ଯଥା- ବିଦେଶ ଯିବା ପାଇଁ ପାସପୋର୍ଟ, ନିଜର ପରିଚୟ (ନାଗରିକତା ନୁହେଁ) ପାଇଁ ଆଧାରକାର୍ଡ, ଆର୍ଥୀକ ମାମଲା ପାଇଁ ପାନକାର୍ଡ, ଭୋଟ ଦେବା ପାଇଁ ଭୋଟର କାର୍ଡ ଓ ପରିବାରର ପରିଚୟ ପାଇଁ ରାସନ କାର୍ଡ। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୋଟିଏ କାର୍ଡର ବ୍ୟବସ୍ଥା କରାଯିବା ପାଇଁ ବହୁଦିନରୁ ଚର୍ଚ୍ଚା ଚାଲିଥିଲେ ମଧ ଏନେଇ କୌଣସି ବ୍ୟବସ୍ଥା କରାଯାଇ ପାରିନାହିଁ। ଭାରତରେ ନାଗରିକତା ସାବ୍ୟସ୍ତ କରିବା ପାଇଁ କୌଣସି ଏକ ସାର୍ବଭୌମିକ ଦସ୍ତାବିଜ୍ ନାହିଁ। ଯଦି କେହି ବ୍ୟକ୍ତି ଆଧାର, ପାସପୋର୍ଟ ବା ରାସନକାର୍ଡକୁ ନାଗରିକତାର ପ୍ରମାଣ ପତ୍ର ବୋଲି କହଁ ତେବେ ତାହା ଭୁଲ ଅଟେ। ଏଣୁ ପ୍ରଶ୍ନ ବି ଉଠୁଚି ଯେ ଯଦି ଏସବୁ ନାଗରିକତା ସାବ୍ୟସ୍ତ କରିବା ପାଇଁ ପ୍ରମାଣ ନୁହେଁ ତେବେ ନାଗରିକତା ପ୍ରମାଣ ପାଇଁ କେଉଁ ଦସ୍ତାବିଜ୍ ଦରକାର?

ଦେଶର ବୈଦେସିକ ମନ୍ତ୍ରାଳୟ ବିଦେଶ ଯାତ୍ରା ପାଇଁ ପାସପୋର୍ଟ ପ୍ରଦାନ କରିଥାଏ ବା ସ୍ୱୀକୃତି ଦେଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ନାଗରିକତା ସିଦ୍ଧ କରିଥାଏ ଯେ କିଏ ବୈଧ ଏବଂ ଅବୈଧ। ଏସ୍ ଆଇ ଆର ଏସବୁ ପ୍ରକ୍ରିୟାର ଏକ ଅଂଶ। ପାସପୋର୍ଟ ଅଧିନିୟମ ୧୯୬୭ ଅନୁସାରେ ପାସପୋର୍ଟ କେବଳ ଭାରତୀୟ ନାଗରିକ ମାନଙ୍କୁ ପ୍ରଦାନ କରାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ କମିଶନ ଏବଂ ମାନ୍ୟବର ସୁପ୍ରିମ କୋର୍ଟ ସ୍ପଷ୍ଟ ଭାବରେ କହିଛଁ ଯେ ଆଧାରକାର୍ଡ ନାଗରିକତା ସାବ୍ୟସ୍ତ କରିବାର ଦସ୍ତାବିଜ୍ ନୁହେଁ। ମାନ୍ୟବର ସୁପ୍ରିମ କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଧାର ଅଧିନିୟମ ୨୦୧୬ ଏବଂ ପ୍ରତିନିଧିତ୍ୱ ଅଫ ଦି ପିପୁଲ ଆକ୍ଟ ୧୯୫୦ ଅନୁସାରେ ଆଧାରକାର୍ଡ ନାଗରିକତା, ଜନ୍ମତିଥି ଅଥବା ନିବାସ ପ୍ରମାଣ ପତ୍ର ନୁହେଁ। ଏସବୁ ବାଦ୍ ପାନ୍ କାର୍ଡ ବା ଭୋଟର କାର୍ଡ ଥିଲେ ମଧ କେହି ଭାରତୀୟ ନାଗରିକ ହୋଇପାରିବ ନାହିଁ। ତେବେ ଭାରତର ନାଗରିକ କିଏ ହୋଇପାରିବ? ଯାହା ପାଖରେ ଆଧାର କାର୍ଡ, ରାସନକାର୍ଡ, ଭୋଟରକାର୍ଡ, ପାନକାର୍ଡ ଏ ପରିକ ପାସପୋର୍ଟ ଥିବ ତାକୁ ନାଗରିକ ବୋଲି ଗ୍ରହଣ କରାଯିବ କି ନାହିଁ? ଏ ସବୁକୁ ନେଇ ଚର୍ଚ୍ଚା ବା ବିମର୍ଷ ଆଗରୁ ତ ଥିଲା କିନ୍ତୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ୧୪ ତମ ପାସପୋର୍ଟ ସେବା ଦିବସ ଅବସରରେ ବୈଦେଶିକ ମନ୍ତ୍ରାଳୟର ଅଧିକାରୀ ମାନେ ଦେଇଥିବା ବୟାନ ବିମର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି। ବୈଦେଶିକ ମନ୍ତ୍ରାଳୟର ଅଧିକାରୀ କରିଥିଲେ ଯେ ପାସପୋର୍ଟ ଆ'ର୍ଯାତୀୟ ଯାତ୍ରାକୁ ସୁଗମ କରିବା ପାଇଁ ଏକ ଦସ୍ତାବିଜ ଅଟେ କିନ୍ତୁ ଏହା ନାଗରିକତାର ପ୍ରମାଣ ପତ୍ର ନୁହେଁ।'

ବୈଦେଶିକ ମନ୍ତ୍ରାଳୟର ଅଧିକାରୀଙ୍କ ବୟାନ ପରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ 'ପାନ କାର୍ଡ' କ'ଣ କେବଳ ଆର୍ଥୀକ ସମ୍ବନ୍ଧୀତ କାର୍ଯ୍ୟପାଇଁ? ପାସପୋର୍ଟ କ'ଣ କେବଳ ବିଦେଶ ଯାତ୍ରା ପାଇଁ? ଭୋଟର କାର୍ଡ କ'ଣ କେବଳ ଭୋଟଦେବା ପାଇଁ ଓ ଆଧାର କାର୍ଡ କେବଳ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ? ତେବେ ନାଗରିକତାର ପ୍ରଣାମ ପତ୍ର କ'ଣ? ଭାରତୀୟ ନାଗରିକତା ଆଇନ୍ ଅନୁସାରେ ୧୯୫୦ ମସିହା ଜାନୁୟାରୀ ୨୬ ଠାରୁ ୧୯୮୭ ମସିହା ଜୁଲାଇ ୧ ତାରିଖ ମଧ୍ୟରେ ଭାରତରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଭାରତୀୟ ନାଗରିକ ବୋଲି ଗ୍ରହଣ କରାଯାଇଛି। ଏହି ଅବଧି ମଧ୍ୟରେ ମାତା- ପିତାଙ୍କର ରାଷ୍ଟ୍ରୀୟତାର ଗୁରୁତ୍ୱ ନଥିଲା। ଆର୍ଥାତ୍ ମାତା ପିତା ବିଦେଶୀ ହେଲେବି ଯଦି ତାଙ୍କର ସନ୍ତାନ ଭାରତରେ ଜନ୍ମ ନିଏ ତେବେ ସେ ଭାରତୀୟ ଭାବେ ଗଣନା ହେଉଥିଲା। କିନ୍ତୁ ୧୯୮୭ ମସିହା ଜୁଲାଇ ୧ତାରିଖ ପରେ ଜନ୍ମ ନେଇଥିବା ବ୍ୟକ୍ତିଙ୍କୁ ନାଗରିକତା ସେତେବେଳେ ମିଳିବ ଯଦି ମାତା ପିତାଙ୍କ ମଧ୍ୟରୁ ଜଣେ ଭାରତର ନାଗରିକ ହୋଇଥିବ। ୨୦୦୪ ଡିସେମ୍ବର ୩ତାରିଖ ପରେ ଜନ୍ମିତ ବ୍ୟକ୍ତି ଭାରତର ନାଗରିକ ହୋଇ ପାରିବ ଯଦି ତାର ମାତା- ପିତା ଉଭୟେ ଭାରତୀୟ ହୋଇଥିବ ଅଥବା ଜଣେ ଭାରତୀୟ ଓ ଅନ୍ୟଜଣେ ଅବୈଧ ପ୍ରବାସୀ ହୋଇଥିବ।

ପାସପୋର୍ଟ ଉପରେ 'ରିପବ୍ଲିକ ଅଫ ଇଣ୍ଡିଆ' ଲେଖାଯାଇଥାଏ। ଆର୍ଥାତ୍ ଏହା ଏକ ଭାରତୀୟ ଦସ୍ତାବିଜ୍। ପାସପୋର୍ଟରେ ବ୍ୟକ୍ତିର ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇଥାଏ। ପାସପୋର୍ଟ ଆଇନ୍ ଅନୁସାରେ ଏପରିକି ପାସପୋର୍ଟ ପାଇଁ ଅବେଦନ କରିଥିବା ବ୍ୟକ୍ତିଙ୍କ ବାବଦରେ ପୋଲିସ ଯାଞ୍ଚକରି ରିପୋର୍ଟ ଦେବା ପରେ ପାସପୋର୍ଟ ପ୍ରଦାନ କରାଯାଇଥାଏ। ଏପରି ସ୍ଥଳେ ପାସପୋର୍ଟକୁ ନାଗରିକତା ପ୍ରମାଣ ପତ୍ର କୁହାଯିବ ନାହିଁ କାହିଁକି? କିନ୍ତୁ ଆମ ଦେଶର ଆଇନ୍ ଅନୁସାରେ ପାସପୋର୍ଟକୁ ନାଗରିକତାର ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯାଉନାହିଁ। ୧୯୪୭ରେ ଦେଶ ସ୍ୱାଧିନ ହେଲା ଓ ୧୯୫୦ରେ ସଂବିଧାନ ଲାଗୁହେବା ପରେ ନାଗରିକଙ୍କ ପିକରଣ କାମ ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଆରମ୍ଭ ହୋଇଥିଲା। ଜନ୍ମ ପିକରଣ ଆରମ୍ଭ ହେବା ପୂର୍ବରୁ ମଧ ଦେଶରେ ଅନେକଙ୍କର ଜନ୍ମ ହୋଇଥିଲା। ଯଦି ଆଧାରକାର୍ଡ, ପାନକାର୍ଡ, ଭୋଟରକାର୍ଡ, ରାସନକାର୍ଡ ଓ ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣ ପତ୍ର ନୁହେଁ ତେବେ ସାଂସଦ ଓ ବିଧାୟକ ମାନଙ୍କ ପାଖରେ କ'ଣ ସ୍ୱତନ୍ତ୍ର ପ୍ରମାଣ ପତ୍ର ରହିଛି ଯାହା ଫଳରେ ସେମାନେ ଦେଶ/ରାଜ୍ୟକୁ ଶାସନ କରୁଛନ୍ତି? ତେବେ କ'ଣ ଏହି ଜନ ପ୍ରତିନିଧିମାନେ ଭାରତୀୟ ନାଗରିକ ନୁହଁ? ହାୟରେ ହତଭାଗା ଦେଶ! ଭାରତର ନାଗରିକ ନ ହୋଇ ମଧ କିଛି ଲୋକ ଦେଶ/ରାଜ୍ୟକୁ ଶାସନ କରିପାରୁଛନ୍ତି?

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪






## ଆଜି ତୋ ଆଖିରେ ଦେଖୁଚି

**ହରେରାମ ପଣ୍ଡା**

ମିଛ କାହାପାଇଁ ହେଇପାରେ ମିଛ
ଯାହା ମୁଁ ଆଗରୁ ଜାଣଚି।
ତୋ ମିଛରେ କେତେ ସତ ଲୁଚିଥିଲା
ନୀରବ ଆଖି ତୋ କହୁଚି।।

କହିନାହୁଁ ଥରେ ମୁହଁଖୋଲି କେବେ
ମତେ କେତେ ଭଲ ପାଉଚୁ।
ଫିକାଜହ୍ନ ତଳେ ଖୋଜିଚି ମୁଁ କେତେ
ବାଟଭାଙ୍ଗି ଚାଲି ଯାଇଚୁ।।

ତୋ ନୀଳଆଖିରେ କେତେ ମୁଁ ଖୋଜିଚି
ପାହାନ୍ତି ରାତିର ସପନ।
ତୋ ଭିଜାଓଠର ଲାଜୁଆ ତୁଠରେ
ହଜେଇଦେଇଚି ମୋ ମନ।।

ସାଗରବେଳାରେ ତୋ ନାଆଁ ଲେଖି ମୁଁ
ତୋ ବାଟ ରହିଚି ଅନେଇ।
ଢେଉପରି ମୋର ପାଖକୁ ଆସି ତୁ
ନାଆଁଟାକୁ ଦେଲୁ ଲିଭେଇ।।

ଆଜି ମୁଁ ଦେଖୁଚି ଫିକାଜହ୍ନ ନାହିଁ
ରୂପାର ଜହ୍ନଟା ହସୁଚି।
ମିଛତଳେ କେତେ ସତ ଲୁଚିଥିଲା
ଆଜି ତୋ ଆଖିରେ ଦେଖୁଚି।।

+କୁଆଁସ,
ମେର୍ଦ୍ଧା କାଟିଆଛକ, ଯାଜପୁର
ମୋ : ୯୪୩୮୦୬୫୧୯୫

## ମୋ ଜନ୍ମଦିନ ମୋ ପ୍ରେମିକା

**ମୋହନ କୁମାର ସ୍ୱାଇଁ**



ସ୍ୱପ୍ନକୁ ଗୋଟେ ପ୍ରେମିକା ମାଗିଲି
କାଳେ ତା ପାଖରେ ଥିବ
ସିଏ ତ ବାୟାଣୀ ଘୁରି ବୁଲୁଅଛି
ମୋତେ କାହୁଁ ଆଣି ଦେବ ।

ତଥାପି ତା ପାଇଁ ଅପେକ୍ଷାରେ ରହି
ବୁଲିଲି ଜଙ୍ଗଲ ଘର
କାଳେ ଦୈବାତ ଚାଲି ଆସିପାରେ
ଲଗାଇ ବିହଙ୍ଗ ପର ।

କେବେ ଥରେ ସିଏ ଠିଆହୋଇଥିଲା
ମୋ ଆଡ଼କୁ ପିଠି କରି
ଆଗ ତାର କେବେ ଦେଖିନାହିଁ ଥରେ
ତଥାପି ମରୁଛି ଝୁରି ।

ପୋତା ହୋଇଛି କି ହଜି ଯାଇଛି ସେ
ପାରୁ ନାହିଁ ତାକୁ ସ୍ମରି
ଧନ୍ୟ ତୁ ପ୍ରେମିକା ତୋର ଅହମିକା
ଜୀବ ଥାଇ ଦେଉ ମାରି ।

ଆଉ ଗୋଟେ ଆଜି ଚଢ଼ିଲି ପାହୁଚ
ଜନମ ଦିନକୁ ପାଳି
ଥରେ ଭେଟିଥିଲେ ତୃପ୍ତି ମିଳିଥାନ୍ତା
ଗୋରୀ ହେଉ କିମ୍ବା କାଳୀ ।

+ବେଣାପୁର, କଣ୍ଟିଗଡିଆ ଯାଜପୁର
ମୋ: ୮୨୧୮୦୯୯୦୪୮

# ମିଳିମିଶି ବ୍ୟବସାୟ

## ରମେଶ ଚନ୍ଦ୍ର ଦାଶ

ଗୋଟିଏ ବଜାରରେ ଦୁଇଜଣ ଜଳଖିଆ ଦୋକାନୀ ନିଜ ନିଜର ବ୍ୟବସାୟ କରୁଥିଲେ। ଜଣଙ୍କର ନାଁ ରାଧୁ ଓ ଅନ୍ୟ ଜଣଙ୍କର ନାଁ ମଧୁ। ରାସ୍ତାକଡ଼ରେ ଦୁଇଜଣଙ୍କର ଦୋକାନ। ସେମାନେ ବ୍ୟବସାୟ କରି ଖୁସିରେ ଥାଆନ୍ତି। ଦିନେ ରାତିରେ ଶୋଇଥିବା ଅବସ୍ଥାରେ ରାଧୁ ଚିନ୍ତାକଲା-ମଧୁର ଉପମା ଖାଇବାକୁ ବହୁତ ଲୋକ ହେଉଛନ୍ତି। ସେ ଉପମା କରେନାହିଁ। ସେ ଯଦି ତା ଜଳଖିଆରେ ଉପମା କରିବ ତେବେ ମଧୁର ଗ୍ରାହକମାନେ ତା ପାଖକୁ ପଳାଇ ଆସିବେ। ମଧୁର କ୍ଷତି ହେଲେ ସେ ଦୋକାନ ବନ୍ଦ କରିଦେବ। ତାପରେ ସେ ବଜାରରେ ଏକୁଟିଆ ବ୍ୟବସାୟ କରି ଅଧିକ ଲାଭବାନ ହେବ।

ସେ ତେଣୁ ପରଦିନ ସକାଳୁ ଉପମା ତିଆରି କଲା। ତାହା ଯେପରି ସ୍ୱାଦିଷ୍ଟ ହେବ ସେଥିପ୍ରତି ଧ୍ୟାନ ଦେଲା। ରାଧୁ ପାଖରେ ଉପମା ଦେଖି କେତେକ ଲୋକ ମଧ ତା ପାଖକୁ ଗଲେ। ମଧୁର ବେପାର ଟିକେ ମାନ୍ଦା ହେଲା। କିନ୍ତୁ ରାଧୁ ଯେତିକି ପରିମାଣରେ ଉପମା କରିଥିଲା, ପ୍ରଥମ ଦିନ ଅଧେ ସରିଲା। ଅବଶିଷ୍ଟତକ ଫିଙ୍ଗିଲା। ସେହିଭଳି ତା ପରଦିନ ଅଧା ପରିମାଣର କଲା। ସେଦିନ ସେଥିରୁ ବି ଅଧା ସରିଲା ଆଉ ଅବଶିଷ୍ଟତକକୁ ଫିଙ୍ଗିଲା।




ମୋଟାମୋଟି ଭାବରେ ତାର ଉପମା ବାବଦରେ ଯାହା ଖର୍ଚ୍ଚକଲା ତାହାର ଅଧା ପଇସା ଉଠିଲା ନାହିଁ।

ମଧୁର କିନ୍ତୁ ଚିରାଚରିତ ଢଙ୍ଗରେ ଦୋକାନ ଚାଲିଥାଏ। ତାପରେ ରାଧୁର ବ୍ୟବସାୟ କମିବାରେ ଲାଗିଲା। ସେ ଉପମାରେ ମନଦେବା ଯୋଗୁଁ ତାର ଅନ୍ୟ ଜିନିଷଗୁଡ଼ିକ ଭଲ ହେଲା ନାହିଁ। ଗ୍ରାହକମାନେ ବିରକ୍ତ ହେଲେ। କେତେକ ଗ୍ରାହକ ତା ଦୋକାନକୁ ଯିବା ବନ୍ଦ କରିଦେଲେ।

କିପରି ଭାବରେ ଦୋକାନର ପୂର୍ବାବସ୍ଥା ଫେରାଇ ଆଣିବ ସେହି ଚିନ୍ତାରେ ରହିଲା। ଗ୍ରାହକମାନେ ଥରେ ଭାଙ୍ଗିଗଲେ ସେମାନଙ୍କୁ ଆଣିବା କଷ୍ଟକର।

ତାର ଏପରି ଅବସ୍ଥା ଦେଖି ଦିନେ ସେ ମଧୁ ପାଖକୁ ଗଲା। ସେ ନିଜେ କରିଥିବା ଦୋଷ ସ୍ୱୀକାର କଲା। ମଧୁ କହିଲା, "ମୁଁ ଜାଣେନି ତୁମେ କ'ଣ କରିଥିଲ ବା ନକରିଥିଲ। ମୋ ପାଖକୁ ଆସିଛ ଯେତେବେଳେ ମୁଁ ତୁମକୁ ସାହାଯ୍ୟ କରିବି।" ରାଧୁ ପଚାରିଲା, "କିପରି ?" ମଧୁ କହିଲା, "କାଲିଠାରୁ ତୁମେ ମୋ ଦୋକାନରେ ମୁଁ ତୁମ ଦୋକାନରେ କାମ କରିବି। ଯେତେବେଳେ ଗ୍ରାହକମାନେ ଏଭଳି ଦେଖିବେ ସେମାନେ ଜାଣିବେ ଯେ ଦୋକାନରେ ଯାହା କିଛି ହେଉଛି ଉଭୟ ମିଶି କରୁଛନ୍ତି। ତେଣୁ ଉଭୟ ଦୋକାନର ଜିନିଷ ସମାନ। ତାପରେ ଦେଖିବା କ'ଣ ହେଉଛି।"

ଦୁଇଜଣଙ୍କର କଥା ଅନୁସାରେ ଉଭୟ ମାଲିକ ପରଦିନ ବଦଳିଗଲେ। ଚାକରମାନେ ବି ଏକଥା ଜାଣିପାରିଲେ ନାହିଁ। ସେମାନେ କିଛି କହିପାରୁନଥାନ୍ତି। ତାପରେ ଉଭୟ ଦୋକାନରେ ପୂର୍ବଭଳି ବ୍ୟବସାୟ ଚାଲିଲା। ନିଜ ନିଜର ଭଲ ଜିନିଷକୁ ନେଇ ବ୍ୟବସାୟ କଲେ।

ଦିନେ ମଧୁ କହିଲା, "ଏବେ ତ ତୋ ଦୋକାନ ଠିକ୍ ଭାବରେ ଚାଲିଲେଣି। ତେବେ ଆମ ଏଥର ନିଜ ନିଜ ଦୋକାନକୁ ଫେରିଯିବା।" ତା କଥା ଶୁଣି ରାଧୁ କହିଲା, "ନାଇଁ ନାଇଁ ତୁମେ କେବଳ ବସ। ଦୁଇ ଦୋକାନର ଆୟବ୍ୟୟ କଥା ବୁଝ। ମୁଁ ଉଭୟ ଦୋକାନର କାମ ବୁଝିଦେବି।" ଦୁଇଜଣଙ୍କ ଭିତରେ ଆଲୋଚନା କରି ମିଳିମିଶି ବ୍ୟବସାୟ କଲେ ଓ ଖୁସିରେ ରହିଲେ।

+ ଶିକ୍ଷାଶ୍ରୀ ଲେନ୍, ଅଠରନଳା,
କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ -୯୭୭୬୨୩୮୫୨୨

# ଖରା ପରେ ପରେ ବରଷା

## ପ୍ରକାଶ ଚନ୍ଦ୍ର ଦାଶ

ଖରା ପରେ ପରେ ବରଷା
ସତେ କି ବା ମା' ପରଷା !
ବାଢ଼ି ଦେଇଛି କେ ଥାଳରେ
ସିନିହ, ଶରଧା ଆଳରେ !
ତତାଇବାକୁ ଏ ବସୁଧା
କରିଥିଲା ଯିଏ ମସୁଧା ।
ଏବେ ହେଲା ତା'ର ଶେଷରେ
ଧରଣୀର ନୂଆ ବେଶରେ।
ଧରଣୀଟି ଏବେ ହସୁଛି
ସବୁ ନୂଆ ନୂଆ ବାସୁଛି।

+ ଫ୍ଲାଟ୍ ନମ୍ବର -ସି/୩୦୪
ଗୌରୀଶଙ୍କର ରେଶିଡେନ୍ସି
କେଶୁରା, ଭୁବନେଶ୍ୱର
ପିନ୍-୭୫୧୦୦୨
ମୋ-୯୯୩୮୯୬୩୦୯୪

# କି କଥା...

## ଜାକିର ଖାନ୍

॥ ୧ ॥
କି କଥା/ ଉଡ଼ା କଥା
କି ଉଡ଼ା/ ଖଣ୍ଡି ଉଡ଼ା
କି ଖଣ୍ଡି/ କାଶତଣ୍ଡୀ
କି କାଶ/ ନେଳି ଆକାଶ
କି ନେଳି/ ଭଳି ଭଳି
କି ଭଳି/ ତୋ ଭଳି...
ହା ହା ହା...
ବଣି ଚଢେଇ ମୋ ଉଡ଼ି ଉଡ଼ି ଯାଆ...
ବଣି ଚଢେଇ ମୋ ଉଡ଼ି ଉଡ଼ି
ଯାଆ..ଆ..ଆ

॥ ୨ ॥
କି କଥା/ ହସ କଥା
କି ହସ/ ରାଜା ହସ
କି ରାଜା/ ବାଲି ରାଜା
କି ବାଲି/ ନଈ ବାଲି
କି ନଈ/ ଜେମାଦେଈ
କି ଜେମା/ ରାଜଜେମା
କି ରାଜ/ ପହିଲି ରଜ
କି ପହିଲି/ ଭୁଲିଗଲିରେ... ଭୁଲିଗଲି...

॥ ୩ ॥
କି କଥା/ ଉଡ଼ା କଥା
କି ଉଡ଼ା/ ଖଣ୍ଡି ଉଡ଼ା
କି ଖଣ୍ଡି/ ଦହିହାଣ୍ଡି
କି ଦହି/ ବସାଦହି
କି ବସା/ ଚଢେଇ ବସା
କି ଚଢେଇ/ ବଣି ଚଢେଇ
କି ବଣି/ ରାଜ ବଣି
କି ରାଜ/ ସଜବାଜ
କି ସଜ/ ତାଳସଜ
କି ତାଳ/ ସାତ ତାଳ
କି ସାତ/ ଖୋଳ ଗାତ
କି ଖୋଳ/ ଗୋଳମାଳ ଭାଇ...
ଗୋଳମାଳ...
ସରିଗଲା ଖେଳ, ଘରକୁ
ଯିବାର ହେଲା ବେଳ ...।


+ଭୁବନେଶ୍ୱର

# ବରଷା ରାଣୀ ଢାଳୁଛି ପାଣି

## ପ୍ରଶାନ୍ତ କୁମାର ଦାଶ

କେରି କେରି ଦୂବ କଅଁଳି ଉଠିଲା
ବରଷା ବରଷି ଦେଲା
ମୁରୁକି ମୁରୁକି ହସିଦେଇ ଖରା
ଧରାରୁ ମେଲାଣି ନେଲା ।
ମେଘ ଘୋଟିଥିଲା ଡେଣା ଝାଡି ଦେଇ
ଉଡିଗଲେ ବଗ ପଲ
ବରଷାକୁ ଦେଖି ମାଟିତ କହିଲା
ଆସିଲ ଯେ ଭଲ କଲ ।
ଘଡ଼ଘଡ଼ି ସାଥେ ବିଜୁଳି ଚମକେ
ପିଲାଙ୍କୁ ଲାଗଇ ଡର
ବୋଉତ କହିଲେ ଯାଅନା ପଦାକୁ
ବସି ରୁହ ପିଲେ ଘର ।
ଛମ ଛମ ନାଚି ଅଜାଡି ଦିଅଇ
ବରଷା ଆକାଶୁ ପାଣି
ପୋଖରୀ କୂଳରେ ରଡ଼ି ଦିଏ ବେଙ୍ଗ
ନାଚଇ ବେଙ୍ଗୁଲୀ ରାଣୀ ।
ଫେରିଯାଏ ଖରା ଫୁଟେ ନୀଳକଇଁ
ସାଧବ ବୋହୂଟି ଘାସେ
ନାଲି ପାଟ ପିନ୍ଧି ହସ ଖୁସୀ ଆଣି
ଅଦେଖା ରାଇଜୁ ଆସେ ।
ପାଣି ଜମିଯାଏ ଗହୀର ବିଲରେ
ଚାଷୀ ଚିରେ କ୍ଷେତ ମାଟି
କରେ ମେହେନତି ଦେବାକୁ ଆହାର
ଫସଲ ନେବାକୁ କାଟି ।

+କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦



# ବେଙ୍ଗ ଡାକୁଛି କେଁ କଟର

## ସନ୍ତୋଷ କୁମାର ଅଦାବର

କେତେ ଆନନ୍ଦ ଗୀତ ବାଇଦ
ପ୍ରକୃତି କୋଳେ ଖେଳେ
ବରଷା ରାଣୀ ଆସିଛି ବୋଲି
ବରଷକରେ ଥରେ ।।

ବେଙ୍ଗ ଡାକୁଛି କେଁ କଟର
ବରଷା ଗୀତ ଗାଇ,
ଝିଙ୍କାରୀ ଭାଇ ତା' ସାଥେ ଗାଏ
ଝିଁ ଝିଁ ତାଳ ମିଳାଇ ।।

ମେଘ ବଜାଏ ଢୋଲ ବାଜଣା
ତା ଧିନା ଧିନି କରି
ବିଜୁଳି କରେ ଚକ୍ ଚକ୍ ଚକ୍
ଆଲୋକ ବତୀ ଧରି ।।

ଟୁପୁରୁ ଟୁପୁ ବରଷା ବୁନ୍ଦା
ମଜା ଶବଦ କରେ
ସଁ ସଁ ସଁ ଶବଦ କରି
ପବନ ବହେ ଧୀରେ ।।

ଏ ବିଲ ପାଣି ତଳ ବିଲକୁ
ଧାଉଁଛି ଖଲଖଲ
ଚାଷୀ ଭାଇଟି ମନ ଆନନ୍ଦେ
ଚାଷକୁ ଆଗଭର ।।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ- ୯୭୭୭୯୧୦୭୨୮

# ବନ ମହୋତ୍ସବ

## ମମତା ବଗର୍ତ୍ତୀ

ଜୁଲାଇ ମାସର ପ୍ରଥମ ସପ୍ତାହେ
ବନ ମହୋତ୍ସବ ହୁଅଇ ପାଳନ,
ବୃକ୍ଷରୁ ଜଳ ଜଳରୁ ଶସ୍ୟ
ଶସ୍ୟରୁ ହିଁ ଆମ ଜୀବନ ।।

ଜଣେ ଗୋଟିଏ ଗଛ ଲଗାଇ
ଗଢିବା ସବୁଜ ବନାନୀ,
ସବୁଜ ପଣତେ ଢାଙ୍କି ହୋଇ
ହସିବ ଆମ ଧରଣୀ ।।

କେତେବେଳେ ଦିଏ ଫଳମୂଳ
ଦିଏ ପୁଣି ଆମକୁ ଅମ୍ଳଜାନ,
ପନିପରିବା ଶାଗ ସାଙ୍ଗକୁ
ବୃକ୍ଷର ରହିଛି ଔଷଧୀୟ ଗୁଣ ।।

ବେଳେବେଳେ ବୃକ୍ଷ ତଳ
ବାଟୋଇର ଆଶ୍ରୟ ସାଜେ,
ବୃକ୍ଷ ତଳେ ବସି ଖେଳିବାର
ପିଲାଙ୍କର ମନ ଖୋଜେ ।।

ବୃକ୍ଷ ପାଇଁ ଆସୁଛି ଆଜି
ଆମ ମୌସୁମୀ ରାଣୀ,
ବର୍ଷାରେ ଶୀତଳ ହୋଇ
ହସୁଛି ଆମ ଧରଣୀ ।।

ବନ ମହୋତ୍ସବ ସରକାରଙ୍କ
ସତରେ ଏକ ମହା ଅଭିଯାନ,
ବୃକ୍ଷ ରୋପଣ ପାଇଁ ସଭିଙ୍କୁ
ହେବାକୁ ପଡିବ ସଚେତନ ।।

+ ବଲାଙ୍ଗୀର

ବିଜ୍ଞାନ ଗବାକ୍ଷ-୯

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଅନନ୍ତ ପଥର ଯାତ୍ରୀ-ଭୟଜ୍ୱର ୧

ମଣିଷ ତିଆର ଏକ ମହାକାଶଯାନ ପୃଥିବୀଠାରୁ ଏତେ ଦୂରକୁ ଚାଲିଗଲାଣି ଯେ ପୃଥିବୀରଠାରୁ ତାର ଦୂରତାକୁ ଆଉ କିଲୋମିଟରରେ ମାପି ହେବନି। ଏହାର ଦୂରତାକୁ ମାପିବାକୁ ଆଲୋକ ଘଣ୍ଟା, ଆଲୋକଦିନ ବା ଆଲୋକମାସର ବ୍ୟବହାର କରିବାକୁ ପଡ଼ିବ। ସେହି ମହାକାଶ ଯାନଟି ହେଉଛି ଭୟଜ୍ୱର୧।



ପୃଥିବୀଠାରୁ ୨୦୦କି.ମି.ରୁ ୫୦,୦୦୦ କି.ମି. ଦୂରତାରେ ଥିବା ମହାକାଶ ଯାନ ବା କୃତ୍ରିମ ଉପଗ୍ରହମାନେ ମହାକାଶରେ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରନ୍ତି। ଶୂନ୍ୟ ମାଧ୍ୟାକର୍ଷଣ (୯୧୪୦ ଜି) ସହିତ ସେଠାର ଶୂନ୍ୟତା ଯେ କୌଣସି (ଭେକ୍ୟୁମ) ଯେ କୌଣସି ମହାକାଶ ଯାନକୁ ଅକାମି କରିଦେବାର କ୍ଷମତା ରଖେ। ପୃଥିବୀ ପୃଷ୍ଠରେ ଶହ ଶହ ପରୀକ୍ଷଣ ସାମ୍ନା କରିଥିବା ଯନ୍ତ୍ରାଂଶମାନେ ଶତ ପ୍ରତିଶତ କ୍ଷମତାସହିତ କାର୍ଯ୍ୟକ୍ଷମ ହେବେ, ତାର ନିଶ୍ଚିତତା ନଥାଏ। ମାତ୍ର ଚମତ୍କାର କଥା ହେଉଛି, ସେମାନେ କମା କରନ୍ତି ଓ ମଣିଷର ଦୃଢ଼ ପରିଶ୍ରମ ଓ ବିଶ୍ୱସନୀୟତାକୁ ସଠିକ୍ ସମ୍ମାନ ଦିଅନ୍ତି।

ଶୂନ୍ୟ ମାଧ୍ୟାର୍ଷଣ ଓ ଶୂନ୍ୟତାକୁ ଛାଡ଼ିଦେଲେ ପୃଥିବୀ ଚାରିପାଖରେ ୨୦୦ କି.ମି.ରୁ ୫୦,୦୦୦ କିମି. ଥିବା ବଳୟ ଯାହାକୁ ଭାନ୍ ଆଲାନ୍ ବଳୟ ବୋଲି କୁହାଯାଏ। ମହାକାଶଯାନ ଓ ଉପଗ୍ରହଙ୍କ ଲାଗି କିଛି ଆହ୍ୱାନ ସଦାସର୍ବଦା ପ୍ରସ୍ତୁତ କରି ରଖିଥାଏ। ଏହି ବଳୟରେ ଥିବା ତେଜସ୍କ୍ରିୟ କଣିକା ଓ ରଶ୍ମୀ ମହାକାଶଯାନର ବସ୍ତୁମାନଙ୍କ ଧର୍ମରେ ପରିବର୍ତ୍ତନ କରିପାରେ, ଯାନର ଇଲେକ୍ଟ୍ରୋନିକ ପ୍ରଣାଳୀର କାର୍ଯ୍ୟକ୍ଷମତା ଉପରେ ପ୍ରଭାବ ପକାଇ ଉପଗ୍ରହକୁ ନିୟନ୍ତ୍ରଣ ବାହାରକୁ ଦେଇ ଯାଇପାରେ। ମହାକାଶ-ବିଜ୍ଞାନୀ ଓ ଇଂଜିନିୟରମାନଙ୍କ ବର୍ଷ ବର୍ଷର ଅଧ୍ୟବସାୟ, ଗବେଷଣା ଓ ଅକ୍ଳାନ୍ତ ପରିଶ୍ରମ ଏକଥାକୁ ସୁନିଶ୍ଚିତ କରିଛି ଯେ ମହାକାଶର ପ୍ରତିକୂଳ ପରିସ୍ଥିତି ସାମ୍ନାରେ ମଣିଷ ତିଆରି ମହାକାଶଯାନ, ରକେଟ ଓ ଉପଗ୍ରହ କାମ କରିବେ, ବର୍ଷ ବର୍ଷ ଧରି।

ଭୟଜର ୧ ତାହାହିଁ କରିଛି। ଗଭୀର ମହାକାଶରେ ତାର ଯାତ୍ରା ଅବ୍ୟାହତ ରହିଛି। ତାର ଯାତ୍ରା ମଣିଷ ଜାତିକୁ ଏକ ମହାନ ବାର୍ତ୍ତା ଦେଉଛି ଭବିଷ୍ୟତର ମହାକାଶ ଯାତ୍ରା ଲାଗି।

୨୦୨୬ ନଭେମ୍ବର ମଧ୍ୟ ଭାଗରେ ଭୟଜର ୧ ପୃଥିବୀଠାରୁ ଏକ ଆଲୋକ ଦିବସ ଦୂରତାରେ ରହିବ। ଏହି ଆଲୋକ ଦିବସର ଅର୍ଥ କ'ଣ ? ଆଲୋକ ଗୋଟିଏ ଦିନରେ ଯେତେ ଦୂରତା ଅତିକ୍ରମ କରିବ, ସେ ଦୂରତାକୁ ଏକ ଆଲୋକ ଦିବସ ବୋଲି କୁହାଯାଏ। ଆମେ ଜାଣୁ ଆଲୋକ ଏକ ସେକେଣ୍ଡରେ ହାରାହାରି ୩,୦୦,୦୦୦ କିମି ଯାତ୍ରା କରେ। (୨,୯୯,୭୯୨.୪୫୮ କିମି/ସେକେଣ୍ଡ)। ତେଣୁ ଗୋଟିଏ ଦିନରେ ଆଲୋକ ଗତି କରୁଥିବା ଦୂରତା କେତେବଡ଼ ଏଥିରୁ ଅନୁମାନ କରିହେବ। ସରଳ ଅର୍ଥରେ କହିଲେ ଆମେ ଭୟଜର ପାଖକୁ ଯେଉଁ ବାର୍ତ୍ତା ପଠାଇବା ତାହା ଏହା ପାଖରେ ୨୪ ଘଣ୍ଟା ପରେ ପହଂଚିବ। ତାର ଉତ୍ତର ମଧ୍ୟ ଆମ ପାଖରେ ପହଂଚିବାକୁ ସେତିକି ସମୟ ନେବ।

ଖୁସି କଥା ଯେ ଆମର ବୈଜ୍ଞାନିକମାନେ ଭୟଜର ୧ ସହିତ କଥାବାର୍ତ୍ତା ଜାରି ରଖିଛନ୍ତି ଓ ବିଶ୍ୱବ୍ରହ୍ମାଣ୍ଡ ସଂପର୍କରେ ଅନେକ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପାଉଛନ୍ତି।

ସେପ୍ଟେମ୍ବର ୫, ୧୯୭୭ ଦିନ ଭୟଜର ୧ କୁ ମହାକାଶକୁ ପଠାଯାଇଥିଲା। ସେପ୍ଟେମ୍ବର ୫ ତାରିଖକୁ ଆମେ ଭାରତରେ ଗୁରଦିବସ ବୋଲି ପାଳନ କରୁ। ଗୋଟେ ପ୍ରକାର ଭୟଜର ୧ ସୂର୍ଯ୍ୟମଣ୍ଡଳ ବା ସୌରମଣ୍ଡଳ ବାହାରକୁ ଯାଇ ଆମ ଜ୍ଞାନକୁ ପରିବର୍ଦ୍ଧିତ କରିଛି ଓ ଆମର ଗୁରୁ ସାଜିଛି।

ଭୟଜର ୧ର ଡିଜାଇନ୍ ଜୀବନ ପାଂଚବର୍ଷ ଲାଗି କରାଯାଇଥିଲା ଏବଂ ଏହାକୁ ବୃହସ୍ପତି ଓ ଶନି ଗ୍ରହର ପର୍ଯ୍ୟବେକ୍ଷଣ ଲାଗି ପ୍ରେରିତ କରାଯାଇଥିଲା। ମହାକାଶରେ ଏହା ଏଣିକ ୪୦ ବର୍ଷରୁ ଅଧିକ ସମୟ ଯାତ୍ରା କରି କେବଳ ସୌରମଣ୍ଡଳ ନୁହେଁ, ସୌର ମଣ୍ଡଳର ଆଖପାଖ ମହାକାଶ ସଂପର୍କରେ ତଥ୍ୟ ଦେଇ ଚାଲିଛି। ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି, ଏହି ମହାକାଶଯାନ ଆହୁରି ଅନେକ ବର୍ଷ କାମ କରିବ।

ଭୟଜର ୧ ତା ସାଙ୍ଗରେ ନେଇଛି ଏକ ସୁନାର ଫଳକ ଯେଉଁଥିରେ କିଛି ଚିତ୍ର, କିଛି ବାର୍ତ୍ତ ଓ ସଂକେତ ଅଛି। ଆଶା କରିବା, ଏହା ଦିନେ ନା ଦିନେ ବିଶ୍ୱ ବ୍ରହ୍ମାଣ୍ଡର ଅନ୍ୟ ଏକ ସଭ୍ୟତାକୁ ପୃଥିବୀର ବାର୍ତ୍ତା ଦେବ। (କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ
ଲେଖକ
ମୋ: ୯୯୩୮୭୬୯୯୦୮

# ନୀଳ ଚଷମା

## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗୋଟିଏ ପାର୍କରେ ଥିବା ଅଶୋକ ଗଛରେ କୁକି ନାମକ ଗୁଣ୍ଡୁଚି ମୂଷାର ଘର। ଅଶୋକ ଗଛର ଲମ୍ବା ପତ୍ର ଏବଂ ମୋଟା ଗଣ୍ଡି କୁକିକୁ ବହୁତ ଭଲ ଲାଗେ। ସେଥିପାଇଁ ସେ ତା'ର ଲାଞ୍ଜ ହଲାଇ ଗଛ ଚାରିପାଖରେ ଦୌଡ଼େ।

ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଅନେକ ଲୋକ ପାର୍କକୁ ଆସନ୍ତି। ଛୋଟ ପିଲାମାନେ ସେମାନଙ୍କ ବାପା ମା, ଜେଜେବାପା ଏବଂ ଜେଜେମାଙ୍କ ସହିତ ଆସନ୍ତି। ପିଲାଙ୍କ ପାଟିତୁଣ୍ଡ, ଖେଳକୁଦ ଦେଖି କୁକି ଭାରି ଖୁସି ହୁଏ। ପିଲାମାନେ ପାର୍କରେ ମଜା ମସ୍ତି କରନ୍ତି । ଯେଉଁଦିନ ପାର୍କ ବନ୍ଦ ରହେ କୁକି ଗଭୀର ନିଦରେ ଶୋଇପଡ଼େ।

ଶୀତଦିନ ଅପରାହ୍ନରେ ଲୋକମାନେ ପାର୍କ ଭିତରେ ଚାଦର ବିଛାଇ କମଳା, ବାଦାମ ଆହୁରି କେତେ କ ଣ ଖାଆନ୍ତି। କୁକି ମଧ ବାଦାମ, ଚଣା ଏବଂ ରୁଟି ଖଣ୍ଡ ଖାଇବାକୁ ପାଏ।

ପିଲାମାନେ ପାର୍କରେ ଝୁଲି ଝୁଲି ଦୋଳି ଖେଳନ୍ତି । କେତେକ ଘାସ ଉପରେ ଆରାମରେ ଆଖି ବନ୍ଦ କରି ବସିଯାଆନ୍ତି। କୁକି କିଛି ବୁଝିପାରେନା, କିନ୍ତୁ ସେ ଏହା ଦେଖିବାକୁ ଭଲପାଏ ।

କୁକି ରହୁଥିବା ଅଶୋକ ଗଛ ଚାରିପାଖରେ ଏକ ଗୋଲ ସିମେଣ୍ଟ ପ୍ଲାଟଫର୍ମ ଅଛି। ପିଲାମାନେ ସେ ଚଟାଣରେ କେତେବେଳେ ବିସ୍କୁଟ କେତେବେଳେ ବାଦାମ ଛାଡି ଯାଆନ୍ତି। ପିଲାମାନେ ପ୍ରତିଦିନ କୁକିକୁ ଦେଖା କରିବାକୁ ଆସନ୍ତି। ପୂର୍ବରୁ, ସେ ଭୟରେ ଗଛରେ ଚଢ଼ି ଯାଉଥିଲା, କିନ୍ତୁ ଏବେ ସେ ବନ୍ଧୁ ହୋଇଗଲେଣି। ପିଲାମାନେ ତା ପାଇଁ ଖାଦ୍ୟ ଆଣନ୍ତି। କୁକି ଏବେ ଭୟ ନକରି ପିଲାଙ୍କ ସାମ୍ନାରେ ଖାଏ। କୁକି କୁକ୍-କୁକ୍ ଶବ୍ଦ କରି ନିଜ ଭାଷାରେ ସେମାନଙ୍କୁ ଧନ୍ୟବାଦ ଜଣାଏ।


ଦିନେ, ଖାଲି ପାର୍କ ଦେଖି କୁକି ଦୁଃଖିତ ହେଲା। ସେ ସିମେଣ୍ଟ ଚେୟାରରେ ଶୋଇଯିବ ଭାବିଲା। କିଛି ଗୋଟେ ଜିନିଷ ତା ଆଖିରେ ପଡ଼ିଲା। ଲାଲ ଫ୍ରେମ୍ ସହିତ ନୀଳ ପ୍ଲାଷ୍ଟିକ୍ ଚଷମାଟି ଘାସ ଉପରେ ପଡ଼ିଥିଲା। ସୂର୍ଯ୍ୟକିରଣରେ ଏହା ଝଲସୁଥିଲା।

କୁକିର ମା କହିଲେ, ଏହା ନିଶ୍ଚୟ ପିଲାମାନଙ୍କର ହୋଇଥିବ । କୁକି ଚଷମା ପିନ୍ଧି ଡେଇଁ ଡେଇଁ ଚାଲିବାକୁ ଲାଗିଲା।

ତା'ର ବନ୍ଧୁ, ମିକମିକ୍ ଗୁଣ୍ଡୁଚି କହିଲା, ତୁମେ ଚଷମା ପିନ୍ଧି ବହୁତ ସୁନ୍ଦର ଦେଖାଯାଉଛ। କୁକିକୁ ଏବେ ସବୁକିଛି ନୀଳ ଦେଖାଯାଉଥିଲା। ନୀଳ ପତ୍ର, ନୀଳ ଘାସ, ଏପରିକି ବିସ୍କୁଟ୍ ଖଣ୍ଡ, ସମସ୍ତ ଫୁଲ। କୁକି ଭାବିଲା ଏହି ଚଷମାଟି ଏକ ମ୍ୟାଜିକ୍ ଚଷମା।

ମାଆ ହସି କହିଲେ, ସବୁକିଛି ପୂର୍ବ ପରି ସମାନ ରଙ୍ଗ ଅଛି । ତୁମେ କେବଳ ନୀଳ ଚଷମା ପିନ୍ଧିଛ, ତେଣୁ ତୁମକୁ ସବୁ ନୀଳ ଦେଖାଯାଉଛି।

ଅପରାହ୍ନରେ, ଚଷମା ପିନ୍ଧି, ସେ ସବୁକିଛି ଦେଖିପାରୁଥିଲା। କିନ୍ତୁ ରାତି ଆରମ୍ଭ ହେବାରୁ ତାକୁ କିଛି ଦେଖାଗଲାନି। ସେ ଭୟରେ କାନ୍ଦି କାନ୍ଦି କହିଲା, ମୋ ଆଖି ନଷ୍ଟ ହୋଇଯାଇଛି। ମୁଁ କିଛି ଦେଖିପାରୁନି। ମୁଁ ଗଛରେ ଚଢିବି କିପରି ? ମାଆ ଆଖିରୁ ଚଷମା କାଢି କହିଲେ, ତୁମେ ରାତିରେ ମଧ ଚଷମା ପିନ୍ଧିଛ ସେଥିପାଇଁ ଦେଖ ଯାଉନାହିଁ। କୁକି କହିଲା, ମାଆ, ମୁଁ ଦେଖିଛି ଲୋକମାନେ ରାତିରେ ମଧ ଚଷମା ପିନ୍ଧନ୍ତି। ତେବେ ସେମାନେ କିପରି ଦେଖନ୍ତି ?



ମାଆ କହିଲେ ଲୋକମାନେ ରାତିରେ ରଙ୍ଗୀନ ଚଷମା ପିନ୍ଧନ୍ତି ନାହିଁ। ପଢିବା ପାଇଁ ଭିନ୍ନ ଭିନ୍ନ ଚଷମା, ନିକଟ ଦୃଷ୍ଟି କିମ୍ବା ଦୂର ଦୃଷ୍ଟି ଏବଂ ସୂର୍ଯ୍ୟ କିରଣରୁ ରକ୍ଷା ପାଇଁ ଭିନ୍ନ ଭିନ୍ନ ଚଷମା ଅଛି। ତୁମ ପାଖରେ ଥିବା ଏହି ଚଷମା ଖରା ଦାଉରୁ ରକ୍ଷା ପାଇବା ପାଇଁ। ପିଲାମାନେ ଖରାଦିନେ ପିନ୍ଧନ୍ତି।

କୁକି ଭାବିବାକୁ ଲାଗିଲା। ସେ କହିଲା ଏ ଚଷମା ଯାହାର ସେ ହଜିଯାଇଛି ଭାବି ଦୁଃଖିତ ଥିବ। ମୁଁ କାଲି ଫେରାଇ ଦେବି।

ମାଆ କହିଲେ, ଠିକ୍ କଥା ତୁମେ ଅନ୍ୟ କାହାର ଜିନିଷ ରଖିବା ଉଚିତ୍ ନୁହେଁ।

ପରଦିନ, କୁକି ପିଲାମାନଙ୍କୁ ଅପେକ୍ଷା କଲା। ଠିକ୍ ସମୟରେ, ପିଲାମାନେ ଗଛ ପାଖକୁ ଆସି କିଛି ଖୋଜୁଥିବା କୁକି ଦେଖିଲା।

ଲାଲ ଟି-ସାର୍ଟ ଏବଂ କଳା ପ୍ୟାଣ୍ଟ ପିନ୍ଧିଥିବା ଜଣେ ପୁଅ କହିଲା। ମୁଁ ଚଷମା ହଜେଇ ଦେଉଛି। ବାପା ମୋତେ ଉପହାର ଦେଇଥିଲେ ।

କୁକି ବୁଝିପାରିଲା ଯେ ସେମାନେ ଚଷମା ଖୋଜୁଛନ୍ତି। ସେ ଡେଇଁ ପଡ଼ି ଆସି ତାଙ୍କୁ ଚଷମା ଫେରାଇ ଦେଲା । ପିଲାମାନେ କୁକିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ପିଲାଟି କହିଲା ବନ୍ଧୁ, ମୋ ଚଷମାର ଯତ୍ନ ନେବା ପାଇଁ ଧନ୍ୟବାଦ। ସମସ୍ତେ କୁକିକୁ ସ୍ନେହରେ ଆଉସି ଦେଲେ । କୁକି ବହୁତ ଖୁସି ହେଲା। ଆଜିକାଲି କୁକି ଏକ ଚଷମା ପିନ୍ଧୁଛି । ଏହି ଚଷମା ତାକୁ ପିଲାମାନେ ଉପହାର ଦେଇଛନ୍ତି।

+ ନୟାଗଡ଼
ମୋ: ୯୪୩୭୬୪୨୯୪୭

# ବେହେରାଗୁଡ଼ାରେ ସହାୟକ ଶିକ୍ଷକ ଦୁର୍ଗା ରାଓ ଦୁଆରୀଙ୍କୁ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୦୩/୦୭ (ନି.ପ୍ର): କାଲିମେଲା ପଞ୍ଚାୟତ ସମିତି ଅଧୀନ ବେହେରାଗୁଡ଼ା ବିଦ୍ୟାଳୟର ସହାୟକ ଶିକ୍ଷକ ଦୁର୍ଗା ରାଓ ଦୁଆରୀଙ୍କ ଅବସର ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେହେରାଗୁଡ଼ା ୱାର୍ଡ ସଦସ୍ୟ ପର୍ଶୁରାମ ଲୋଲିତ ଏବଂ ବେହେରାଗୁଡ଼ା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଘୁନାଥ ହନ୍ତାଳଙ୍କ ସମେତ ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ଶ୍ରୀ ଦୁଆରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଶ୍ରୀ ଦୁର୍ଗା ରାଓ ଦୁଆରୀ ତାଙ୍କର ଦୀର୍ଘ ଶିକ୍ଷକତା ଜୀବନରେ ନିଷ୍ଠା, କର୍ତ୍ତବ୍ୟପରାୟଣତା, ମାନବିକତା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଅକୃତ୍ରିମ ସ୍ନେହ ପାଇଁ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ଅବଦାନ ଅତୁଳନୀୟ ଏବଂ ସହକର୍ମୀଙ୍କ ସହ ତାଙ୍କର ମେଳାପୀ ସ୍ୱଭାବ ସମସ୍ତଙ୍କ ପାଇଁ ସଦା ସ୍ମରଣୀୟ ହୋଇ ରହିବ। ବିଦାୟ ସମ୍ବର୍ଦ୍ଧନା ଅବସରରେ ବକ୍ତାମାନେ କହିଥିଲେ, 'କର୍ମ ହିଁ ଭଗବାନ' ଏହି ଆଦର୍ଶକୁ ଶ୍ରୀ ଦୁଆରୀ ନିଜ କର୍ମଜୀବନରେ ସାର୍ଥକ ଭାବେ ପ୍ରତିଫଳିତ କରିଛନ୍ତି। ତାଙ୍କ ଅବସର ବିଦ୍ୟାଳୟ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଥିଲେ ମଧ୍ୟ, ତାଙ୍କର ସଫଳ କର୍ମଜୀବନ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ସମସ୍ତ ଗ୍ରାମବାସୀ, ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକବୃନ୍ଦ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶ୍ରୀ ଦୁର୍ଗା ରାଓ ଦୁଆରୀ ଏବଂ ତାଙ୍କ ପରିବାରର ସୁସ୍ଥ, ଦୀର୍ଘାୟୁ ଓ ଶାନ୍ତିମୟ ଅବସର ଜୀବନ କାମନା କରିଥିଲେ।

## ୪୦ଟି କଇଁଛ ଉଦ୍ଧାର ଜଣେ ଗିରଫ

ମାଲକାନଗିରି, ୦୩/୦୭ (ନି.ପ୍ର): କଇଁଛ ଚୋରା ଚାଲାଣ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ସହ ବନ କର୍ମଚାରୀମାନେ ବାଲିଗୁଡ଼ା ଛକରୁ ଖଇରପୁଟ ଅଭିମୁଖେ ଯାଉଥିବା ରାସ୍ତାରେ ଯାନବାହନ ଯାଞ୍ଚ କରିଥିଲେ। ଏହି ସମୟରେ ଆସୁଥିବା ଓଡି-୦୭ ଏ-୫୭୯୪ ୯୪ ନମ୍ବର ବିଶିଷ୍ଟ ଏକ ବାଇକକୁ ଅଟକାଇ ତଲାସି କରାଯାଇଥିଲା। ତଲାସି ବେଳେ ସେଥିରୁ ବେଆଇନ ଭାବେ ଚାଲାଣ କରାଯାଉଥିବା ୪୦ଟି କଇଁଛ ଉଦ୍ଧାର କରିଥିଲେ ବନ ବିଭାଗ ଟିମ୍। ଏହି ଘଟଣାରେ ବାଇକ୍ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି।

# ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୦୩/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୁସାହିତ୍ୟିକ ପ୍ରତାପ ରୁଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଶ ଚନ୍ଦ୍ର ପାଢ଼ୀ ଓ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଫସିଉଲ ହକ୍ ତାଙ୍କ ଚାକିରୀ କାଳରୁ ଅବସର ନେଇଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ଏବିଇଓ ଡ. ପ୍ରଭଞ୍ଜନ ପତି,ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଡ. ଯୁଧିଷ୍ଠିର ଖଟୁଆ,ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ଆଲାଉଦ୍ଦିନ୍ ଖାଁନ,ସେକ୍ ଅବଦୁଲ ହାକିମ୍,ମହେଶ୍ୱରପୁର ସରପଂଚ ଝରଣା ପାତ୍ର,କୋରାଇ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ଶତପଥୀ,ରସୁଲପୁର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ,ଶିକ୍ଷାବିତ୍ ତଥା କବି ବିଶ୍ୱନାଥ ପଣ୍ଡା,ରବୀନ୍ଦ୍ର କୁମାର ମିଶ୍ର,ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା,ରାଜ୍ୟ ଶିକ୍ଷକ ସଂଘ ଉପଦେଷ୍ଟା ବିଜୟ କୁମାର ଦାସ,ଜଗବନ୍ଧୁ ଶତପଥୀ,ବିଜୟ କୁମାର ଭଦ୍ର,ହିମାଂଶୁ ଭୂଷଣ ପାଳ,ଦୀନବନ୍ଧୁ ତ୍ରିପାଠୀ, ରଂଜନ କୁମାର ବାରିକ୍ , ଅବିନାଶ ଆୟଚ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କନକଲତା ଦାସ ପ୍ରମୁଖ ଯୋଗ ଦେଇ ଦୁଇ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ଶିକ୍ଷା ବିଦ୍ୟା ମନ୍ଦିରରେ ଶିକ୍ଷକମାନେ ଅନେକ ପ୍ରତିଭାମାନଙ୍କୁ ଗଢି ତୋଳିବା ସହିତ ଛାତ୍ରଛାତ୍ରୀମାନଙ୍କ ଉତମ ଚରିତ୍ର ଗଠନ କରିବାରେ ଶିକ୍ଷକମାନଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ । ପୂର୍ବତନ ବିଆରସିସି ପ୍ରଦୀପ କୁମାର ସାମଲ ମଂଚ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ , ପରିଚାଳନା କମିଟି , ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ଉଭୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅମାନତୁଲ୍ଲା, ଅଫଜଲ ଅଲ୍ଲୀ ଖାଁନ, ସେକ୍ କଲିମୁଲ୍ଲା, ଇନତିୟାଜ୍ ଖାଁନ, ସେକ୍ ନିଶାବ ରେହେମାନି, ପ୍ରୀତିମୟୀ ପଟ୍ଟନାୟକ, ପ୍ରତିଭା ଦାସ, ଦୀପାଞ୍ଜଳୀ ବେହେରା, ଗୀତାରାଣୀ ବେହେରା, ପବିତ୍ର କୁମାର ରଥ,ସେକ୍ ସଫିରୁଦ୍ଦିନ୍, ଚିନ୍ମୟ ଦଳାଇ ଓ ସେକ୍ ଗୁଲାମ ମୁସ୍ତାଫା ଖାଁନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବିରେଶ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଏକ ବିଶାଳ ଶୋଭାଯାତ୍ରାରେ ଦୁଇ ଶିକ୍ଷାବିତ୍‌ଙ୍କୁ ସେମାନଙ୍କ ବାସଭବନକୁ ପାଛୋଟି ନେଇଥିଲେ ।

# ବ୍ରଜରାଜନଗର ପୋଲିସର ବଡ଼ ସଫଳତା ୨୪.୬୭୦ କେଜି ଗଞ୍ଜେଇ ଜବତ: ୩ ଗିରଫ

ଝାରସୁଗୁଡ଼ା, ୦୩/୦୭ (ନି.ପ୍ର): 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ମାଦକ ଦ୍ରବ୍ୟ ଚୋରାଚାଲାଣ ବିରୋଧୀ ଅଭିଯାନରେ ବ୍ରଜରାଜନଗର ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ୨୪ କେଜି ୬୭୦ ଗ୍ରାମ ବ୍ୟବସାୟିକ ପରିମାଣର ଗଞ୍ଜେଇ ଜବତ କରିବା ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଇଆଇସି ବ୍ରଜରାଜନଗରଙ୍କ ନିର୍ଦ୍ଦେଶକ୍ରମେ ରାମପୁର ଆଉଟପୋଷ୍ଟ ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ସ୍ୱତନ୍ତ୍ର ଚଢ଼ାଉ କରି ଦୁଇଟି ସନ୍ଦେହଜନକ ସ୍କୁଟରକୁ ଅଟକାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏବଂ ଏନ୍ଡିପିଏସ୍ ଆଇନର ସମସ୍ତ ବୈଧ ପ୍ରକ୍ରିୟା ପାଳନ କରି ତଲାସି କରାଯିବା ପରେ ୨୪.୬୭୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ଦୀପକ ମହାନନ୍ଦ (୩୨), ଆକାଶ ସାହା (୨୮) ଏବଂ ପୁଷ୍ପକ ମହାନନ୍ଦ (୩୮)ଙ୍କୁ ପୋଲିସ ଗିରଫ କରିଛି। ଅଭିଯାନ ସମୟରେ ଦୁଇଟି ସ୍କୁଟର, ୪ଟି ମୋବାଇଲ ଫୋନ୍ ଏବଂ ୩,୧୦୦ ଟଙ୍କା ନଗଦ ମଧ୍ୟ ଜବତ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଆକାଶ ସାହାଙ୍କ ନାମରେ ପୂର୍ବରୁ ବ୍ରଜରାଜନଗର ଓ ଝାରସୁଗୁଡ଼ା ଥାନାରେ ଅପହରଣ, ହତ୍ୟାଚେଷ୍ଟା, ଚୋରି, ଡକାୟତି ସମେତ ଅନ୍ୟାନ୍ୟ ସଙ୍ଗୀନ ଅପରାଧ ସମ୍ବନ୍ଧୀୟ ୪ଟି ମାମଲା ରହିଛି। ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଅପରାଧିକ ପୃଷ୍ଠଭୂମି ଯାଞ୍ଚ ଜାରି ରହିଛି। ସମ୍ପୂର୍ଣ୍ଣ ତଲାସି ଓ ଜବତ ପ୍ରକ୍ରିୟା ଅତିରିକ୍ତ ତହସିଲଦାର-କମ୍-କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଶ୍ରଦ୍ଧାଞ୍ଜଳି ପତି, ସ୍ୱାଧୀନ ସାକ୍ଷୀ ଏବଂ ପ୍ରମାଣିତ ଓଜନକାରୀଙ୍କ ଉପସ୍ଥିତିରେ ଏନ୍ଡିପିଏସ୍ ଆଇନର ସମସ୍ତ ବୈଧ ବ୍ୟବସ୍ଥା ପାଳନ କରି ସମ୍ପନ୍ନ କରାଯାଇଥିଲା। ଜବତ ଗଞ୍ଜେଇ ବ୍ୟବସାୟିକ ପରିମାଣର ହୋଇଥିବାରୁ ବ୍ରଜରାଜନଗର ଥାନାରେ ମାମଲା ନଂ-୧୪୯, ତାରିଖ ୦୨.୦୭.୨୦୨୬ରେ ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ଉ)/୨୯ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତକୁ ଚାଲାଣ କରାଯାଇଛି। ପୋଲିସ ବର୍ତ୍ତମାନ ଜବତ ଗଞ୍ଜେଇର ଉତ୍ସ, ଗନ୍ତବ୍ୟସ୍ଥଳ ଏବଂ ଏହି ଚୋରାଚାଲାଣ ଚକ୍ର ସହ ଜଡ଼ିତ ଅନ୍ୟ ସଦସ୍ୟଙ୍କ ସନ୍ଧାନରେ ତଦନ୍ତ ଜାରି ରଖିଛି। ଝାରସୁଗୁଡ଼ା ପୋଲିସ ମାଦକ କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କହିବା ସହ ସାଧାରଣ ଲୋକଙ୍କୁ ଏଭଳି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ୱସନୀୟ ସୂଚନା ଯୋଗାଇବାକୁ ଆହ୍ୱାନ କରିଛି।

# 'ଭିବି-ଜି ରାମ ଜି ଅଧିନିୟମ-୨୦୨୫'ର ସଫଳ କାର୍ଯ୍ୟକାରିତାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ବଲାଙ୍ଗିର, ୦୩/୦୭ (ନି.ପ୍ର): ଭି.ବି.-ଜି ରାମ ଜି ଅଧିନିୟମ-୨୦୨୫'ର ସଫଳ କାର୍ଯ୍ୟକାରିତା ଏବଂ ଏହା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବଲାଙ୍ଗୀର ଡିଏଫଓ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧିନିୟମର ଉଦ୍ଦେଶ୍ୟ, ବୈଶିଷ୍ଟ୍ୟ ଏବଂ ତୃଣମୂଳସ୍ତରରେ ଏହାର ସଫଳ ରୂପାୟନ ନେଇ ବିସ୍ତୃତ ଆଲୋଚନା କରାଯିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।
କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସ୍ୱତନ୍ତ୍ର ଉନ୍ନୟନ ବୋର୍ଡର ଅଧ୍ୟକ୍ଷ ବଲ୍ଲଭ ଧରୁଆ, ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ମାଧବ ସାଏ, ବନଖଣ୍ଡ ଅଧିକାରୀ ଅଜିତ ବିଶି ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଂଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ ଇସଲୱାର କହିଥିଲେ ଯେ, 'ଭି.ବି.-ଜି ରାମ ଜି ଅଧିନିୟମ-୨୦୨୫'ର ସଫଳତା ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଓ ବ୍ୟାପକ ସଚେତନତା ଉପରେ ନିର୍ଭରଶୀଳ। ଏହି ଅଧିନିୟମ ଗ୍ରାମୀଣ ଅଂଚଳରେ ରୋଜଗାର ସୁଯୋଗ ବୃଦ୍ଧି କରିବା ସହ ଦାଦନ ସମସ୍ୟା ହ୍ରାସରେ ସହାୟକ ହେବ। ବଲାଙ୍ଗୀର ଭଳି ଆକାଂକ୍ଷା ଜିଲ୍ଲାର ସାମଗ୍ରିକ ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ କହିଥିଲେ। ଏହି ଯୋଜନାକୁ ସଫଳ କରିବା ପାଇଁ ସମସ୍ତ ସରକାରୀ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଏବଂ ସ୍ୱତନ୍ତ୍ର ଉନ୍ନୟନ ବୋର୍ଡର ଅଧ୍ୟକ୍ଷ ଶ୍ରୀ ଧରୁଆ ଗ୍ରାମାଂଚଳରେ ଅଧିନିୟମର ବ୍ୟାପକ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନାର ସୁଫଳ ପହଂଚିବା ଆବଶ୍ୟକ ବୋଲି ସେମାନେ କହିଥିଲେ। ଏହା ଆକାଂକ୍ଷା ଜିଲ୍ଲା ବଲାଙ୍ଗୀରର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ମତ ରଖିଥିଲେ।
ଆରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୁନା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଅଧିନିୟମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଅଶୋକ କୁମାର ମାଝୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭାରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ପଂଚାୟତ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ଏସିଏଫ ସୁମନ ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# କୋରାପୁଟ ଜିଲ୍ଲାରେ ଆଉ ଦେଖିବାକୁ ମିଳୁନି ପାରମ୍ପରିକ ହଳ ଲଙ୍ଗଳର ବ୍ୟବହାର

ଜୟପୁର, ୦୩/୦୭ (ନି.ପ୍ର): କୋରାପୁଟ ଜିଲା ରେ ହଳ ଲଙ୍ଗଳ ବିନା ଚାଷ କାଯ୍ୟ ହୋଇ ପାରୁ ନଥିଲା । ବତ୍ତମାନ ଧିରେ ଧିରେ ହଜିବାକୁ ବସିଲାଣି ହଳ ଲଙ୍ଗଳ । ଆଉ ଦେଖିବାକୁ ମିଳୁ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିଛି । ଏହି ଅଧୁନିକ ପ୍ରଣାଳିକୁ କାଯ୍ୟକାରି କରିବାକୁ ବ୍ୟାଙ୍କ ସହାୟତାର ହାତ ମଧ୍ୟ ବଢାଉଛି । ଟ୍ରାକ୍ଟର, ପାୱାର ଟିଲର ଓ ଅନ୍ୟାନ୍ୟ ଆଧୁନିକ କୃଷି ଯନ୍ତ୍ରପାତି କୃଷକଙ୍କ ପ୍ରଥମ ପସନ୍ଦ ପାଲଟିଛି । ଫଳରେ, ପାରମ୍ପରିକ ହଳ ଲଙ୍ଗଳର ବ୍ୟବହାର ପୂର୍ବ ତୁଳନାରେ ବହୁ ପରିମାଣରେ କମିଯାଇଛି । ତଥାପି , କୋରାପୁଟ ଜିଲାର ମଳ ଅଞ୍ଚଳ ହୋଇଥିବା ବେଳେ ଦୁର୍ଗମ ଅଞ୍ଚଳରେ ଆଜି ମଧ୍ୟ ଅନେକ କୃଷକ ବଳଦ ସହାୟତାରେ ଚାଷବାସ କରୁଛନ୍ତି । ପାହାଡ଼ିଆ, ସଂକୀର୍ଣ୍ଣ ଜମି ଅବା ଯେଉଁ ସ୍ଥାନରେ ଟ୍ରାକ୍ଟର ପହଞ୍ଚିବା ସମ୍ଭବ ହେଉନି, ଉପାନ୍ତ ଅଞ୍ଚଳ ସେଠାରେ ହଳ ଲଙ୍ଗଳ ହିଁ କୃଷକଙ୍କ ଏକମାତ୍ର ଭରସା ପାଲଟିଛି । ବଳଦ କେବଳ ଚାଷ କାମରେ ସହଯୋଗ କରେ ନାହିଁ, ବରଂ, ଏହାର ଗୋବର ଓ ମୂତ୍ର ଜୈବିକ ସାର ଏବଂ କୀଟନାଶକ ପ୍ରସ୍ତୁତିରେ ବହୁ ଉପଯୋଗୀ ସାଧିତ ହେଉଛି । ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମିର ଉର୍ବରତା କମିଯାଉଥିବା ବେଳେ ଜୈବିକ ସାର ଜମିର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହ ପରିବେଶ ସନ୍ତୁଳନ ବଜାୟ ରଖିବାରେ ସହାୟକ ହେଉଛି । ସେଥିପାଇଁ,ବର୍ତ୍ତମାନ ଜୈବିକ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହ ହଳ ଲଙ୍ଗଳର ଗୁରୁତ୍ୱ ପୁଣିଥରେ ଅନୁଭବ କରାଯାଉଛି । ଆଧୁନିକ କୃଷି ଯନ୍ତ୍ରପାତି ସମୟ ଓ ଶ୍ରମ ସଞ୍ଚୟ କରୁଥିବା ସତ୍ତ୍ୱେ ଏହାର ଇନ୍ଧନ ଖର୍ଚ୍ଚ, ରକ୍ଷଣାବେକ୍ଷଣ ବ୍ୟୟ ଏବଂ ଛୋଟ କୃଷକଙ୍କ ପାଇଁ ଆର୍ଥିକ ବୋଝର କାରଣ ସାଜୁଛି । ଅନ୍ୟପକ୍ଷରେ, ବଳଦ ଦ୍ୱାରା ଚାଷ କଲେ ଖର୍ଚ୍ଚ କମ୍ ହେବା ସହ ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ପଡୁନାହିଁ । ଏଣୁ, ଅନେକ କ୍ଷୁଦ୍ର ଓ ପ୍ରାନ୍ତିକ କୃଷକ ଆଜି ମଧ୍ୟ ପାରମ୍ପରିକ ହଳ ଲଙ୍ଗଳକୁ ପ୍ରାଧାନ୍ୟ ଦେଉଛନ୍ତି । ଆଧୁନିକତାର ଏହାର ବ୍ୟବହାର କମିଥିଲେ ମଧ୍ୟ ଏହାର ଆବଶ୍ୟକତା, ଉପଯୋଗିତା ଓ ଗୁରୁତ୍ୱ ଆଜି ମଧ୍ୟ କୋରାପୁଟ ଜିଲ୍ଲାର ଜୟପୁର, ଲମତାପୁଟ, ବୋରିଗୁମ୍ମା, କୋଟପାଡ଼ ରେ ଅକ୍ଷୁଣ୍ଣ ରହିଥିବା ଲକ୍ଷ୍ୟ କରାଯାଇଛି ।

# ପାଞ୍ଚପଡା ଗ୍ରାମରେ ସୁନି ସମାଜର ବ୍ରହ୍ମଯଜ୍ଞ

ଭଦ୍ରକ , ୦୩/୦୭ (ନି.ପ୍ର): ପାଞ୍ଚପଡା ଶିବ ମୁନି ଯୋଗାଶ୍ରମ ଆନୁକୂଲ୍ୟରେ ପାଞ୍ଚପଡା ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଚନ୍ଦ୍ର ଉପାଧ୍ୟାୟ -ମୁନିମତୀ ମେନକା ଉପାଧ୍ୟାୟ ଙ୍କ ସୁ ପୁତ୍ର ଆୟୁଷ୍ମାନ୍ ନିରାକାର ଉପାଧାୟଙ୍କ ୨୭ ତମ ଶୁଭ ଜନ୍ମଦିନ ପାଳନ ସହିତ,ଆଦର୍ଶ ସୁ ପୁତ୍ରୀ ଆୟୁଷ୍ମତୀ ସସ୍ମିତା ପତି-ଆୟୁଷ୍ମାନ୍ ରାଧାନାଥ ପତିଙ୍କ ୧୩ ତମ ବିବାହ ବାର୍ଷିକୀ ବ୍ରହ୍ମଜ୍ଞାନୀ ଯୋଗୀ କାଳନ୍ଦୀ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ,ପାଞ୍ଚପଡା ସ୍ଥିତ ବାସଭବନରେ,ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି ।ଏହି ଜ୍ଞାନ ମଞ୍ଚରେ,ବକ୍ତା ହିସାବରେ ଯୋଗଦାନ୍ କରିଥିଲେ ,ଆଶ୍ରମର ଆତ୍ମଜ୍ଞାନୀ ଯୋଗୀ କେଶବ ମୁନିଜୀ ମହୋଦୟ,ଯୋଗୀ ଶିବାଜୀ ମୁନି ଜୀ ମହୋଦୟ ଏବଂ ଯୋଗୀ ଚନ୍ଦ୍ରଶେଖର ମୁନିଜୀ ମହୋଦୟ ।ଅତିଥି ହିସାବରେ ଯୋଗଦାନ୍ କରିଥିଲେ,ଆଶ୍ରମର ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ ରଶ୍ମିତା ମୁନିଜୀ ମହୋଦୟା ।ଉପସ୍ଥିତ ଥିଲେ, ଆଶ୍ରମର ମୁନି ରାଜ ରମାକାନ୍ତ



ମୁନି, କାହ୍ନୁ ମୁନି,ବାବାଜୀ ମୁନୀ,ଭାଗୀରଥି ମୁନି,ସୁରେନ୍ଦ୍ର ମୁନି,ବିନୋଦ ମୁନି, ଏବଂ ମୁନି ଶମ୍ଭୁନାଥ,ଅଖୁଜା ମୁନି,ମୁନି ରବିନ୍ଦ୍ର , ମୁନିମତୀ ବେଙ୍ଗସାହୁ,ସୁମତୀ ଜେନା, ମନ୍ଦୋଦରୀ ଜେନା, ସରସ୍ୱତୀ, ଆରତୀ,ଶଙ୍କର ନାୟକ, କାଳିଆ ମହାନ୍ତି ,ନାତି-ପ୍ରଦୀପ୍ତ ପତି,ନାତୁଣୀ-ଭାଗ୍ୟଶ୍ରୀ ପତି ପ୍ରମୁଖ ବହୁ ସଦସ୍ୟ-ସଦସ୍ୟା ବନ୍ଧୁ-ବାନ୍ଧବ ବୃନ୍ଦ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ, କରାଯାଇ, ସୁ ପୁତ୍ର ଆୟୁଷ୍ମାନ୍ ନିରାକାର ଉପାଧାୟଙ୍କୁ ଏବଂ ସୁ କନ୍ୟା ଆୟୁଷ୍ମତୀ ସସ୍ମିତା ପତି-ଆଦର୍ଶ ଜ୍ୱାଇଁ ଆୟୁଷ୍ମାନ୍ ରାଧାନାଥ ପତିଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଦାମ୍ପତ୍ୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ସୁ ପୁତ୍ର ଆୟୁଷ୍ମାନ୍ ନିରାକାର ଉପାଧାୟ ,ବନ୍ଧ ଗାଁ ପଞ୍ଚାୟତ ଅନ୍ତର୍ଗତ ପାଞ୍ଚପଡାର ବାବା କ୍ଷେମେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ର ଜଣେ ଆଦର୍ଶ ସକ୍ରିୟ ସଦସ୍ୟ ହୋଇଥିବାରୁ,ଦିବସରେ ସେଠାରେ,ତାଙ୍କର ଏ ଶୁଭ ଜନ୍ମଦିନ ପାଳନ ପୂର୍ବକ,ସେ ନିଜେ ରକ୍ତଦାନ କରିବା ସହିତ ଦରିଦ୍ର ଅସହାୟ ବହୁ ଲୋକ ମାନଙ୍କୁ ଖାଦ୍ୟ ବଣ୍ଟନ କରାଇ ନିଜକୁ ଆନନ୍ଦିତ ମନେ କରାଇଛନ୍ତି ।ଯୋଗୀ ଶିବାଜୀ ନାୟକ,ଯୋଗ ଶିକ୍ଷୟତ୍ରୀ ରଶ୍ମିତା ନାୟକ,ବାବୁଜୀ ସୁତାର ପ୍ରମୁଖ ମୁନି ସଙ୍ଗୀତ ଗାନ କରିଥିଲେ ।ସୃଷ୍ଟି କର୍ତ୍ତା ମାତା-ପିତାଙ୍କ ଶୁଭ କାମନା,ଶୁଭ ଆଶିର୍ବାଦ ହିଁ,ସର୍ବଶ୍ରେଷ୍ଠ ଆଶିର୍ବାଦ-ପ୍ରତି ସେକେଣ୍ଡରେ ହିଁ କାର୍ଯ୍ୟ କରି ଚିଲିଥାଏ ।ଯିଏ ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନା କରି ଚାଲିବ,ତା ଭାବନାରେ ପ୍ରକୃତୀ ,ତାର ସମସ୍ତ ଆବଶ୍ୟକତା ସର୍ବଦା ପୂରଣ କରି କରି ଚାଲିଥିବ , ଏହାହିଁ ସତ୍ୟ ସିଦ୍ଧାନ୍ତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଶେଷରେ ଗୃହକର୍ତ୍ତୀ ମୁନିମତୀ ମେନକା ଉପ୍ଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ରାଜନଗର ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ

ପଟ୍ଟାମୁଣ୍ଡାଇ, ୦୩/୦୭ (ନି.ପ୍ର): ରାଜନଗର ବନବିଭାଗ ପକ୍ଷରୁ ରାଜନଗର ନାଉକଣା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୭୭ତମ ବନ ମହୋତ୍ସବ ଅବସରରେ ମୁଖ୍ୟ ଅତିଥି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଇକୋୟାର୍ଡ଼ ଙ୍କ କରକମଳ ରେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଗଲା ।ଏହି ଅବସରରେ ପରିବେଶବିତ୍ ଭାସ୍କର ରାଉତରାୟ ଯୋଗଦାନ କରି ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ କ୍ଷପୂର୍ବରୁ ଆୟୋଜିତ ହୋଇ ଥିବା ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ରେ ବିଜୟଲାଭ କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କଲେ । ଉପସ୍ଥିତ ସମସ୍ତ ଅତିଥି ଓ ଛାତ୍ର ଛାତ୍ରୀ ଙ୍କ ସହ ଗ୍ରାମବାସୀ ମିଶି ବୃକ୍ଷ ରୋପଣ କରିଥିଲେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ପରିବେଷବିତ,ମହାକାଳପଡ଼ା ରେଞ୍ଜ୍, ରାଜନଗର ରେଞ୍ଜ, ଗହୀରମଥା ରେଞ୍ଜ, କୁଜଙ୍ଗ ଓ କନିକା ରେଞ୍ଜ ର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ।

# 'ସମାହିତା' କର୍ମଶାଳାରେ ସ୍ଥାୟୀ ଜୀବିକା ଓ ଆତ୍ମନିର୍ଭର ଉପରେ ଆଲୋଚନା

ଭୁବନେଶ୍ୱର, ୦୩/୦୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ହୋଟେଲ ଏକ୍ସଲେନ୍ସି ଠାରେ ପ୍ରୋଜେକ୍ଟ 'ସମାହିତା' ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ସଫଳ ଅଭିଯାନ ସୂଚନା ଆଦାନପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରୋଜେକ୍ଟଟି ୟୁରୋପୀୟ ସଂଘ ଦ୍ୱାରା ସହାୟତା ପ୍ରାପ୍ତ ଏବଂ ହ୍ୟାଣ୍ଡିକ୍ୟାପ୍ ଇଣ୍ଟରନ୍ୟାସନାଲ ସହିତ ଏକତା, ସାଧନା ଓ ଶାନ୍ତା ମେମୋରିଆଲ୍ ରିହାବିଲିଟେସନ୍ ସେଣ୍ଟରର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଛି । ଓଡ଼ିଶାର ୬ଟି ଜିଲ୍ଲାରୁ ଆସିଥିବା ସରକାରୀ ଅଧିକାରୀ, ସାମାଜିକ ସଂଗଠନ ଏବଂ ସମ୍ପ୍ରଦାୟର ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ ସମାଜର ପଛୁଆ ଏବଂ ଭିନ୍ନକ୍ଷମ ବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ସହ ସାମାଜିକ ସୁରକ୍ଷା ଯୋଜନାର ଲାଭ ପହଂଚାଇବା ଉପରେ ଗୁରୁତ୍ୱ ଦେଇଥିଲେ । କର୍ମଶାଳାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ହିତାଧିକାରୀମାନେ ସେମାନଙ୍କର ସଫଳତା କହିଥିଲେ । ଗଜପତିର ସ୍ୱଳ୍ପ ଶିକ୍ଷିତ ସୁଶିଳା ରୋଇତ ସିଲେଇ ତାଲିମ ନେଇ ଦୈନିକ ପ୍ରାୟ ୯୦୦ ଟଙ୍କା ରୋଜଗାର କରୁଛନ୍ତି । ସେହିପରି ଗଞ୍ଜାମର ଲିଲି ଗୌଡ଼ା ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଏକ ସାଙ୍କେତିକ ଭାଷା ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । କୋରାପୁଟ, ମୟୂରଭଞ୍ଜ ଏବଂ ପୁରୀର ପ୍ରତିନିଧିମାନେ ଜଙ୍ଗଲ ଅଧିକାର, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ଗୋଷ୍ଠୀ ସେବା କ୍ଷେତ୍ରରେ ସେମାନଙ୍କର ସଫଳ ଅଭିଯାନ ବିଷୟରେ ଜଣାଇଥିଲେ । ଏହି ଅବସରରେ ପ୍ରୋଜେକ୍ଟ ଅଧୀନରେ ହୋଇଥିବା ସଫଳ କାର୍ଯ୍ୟକ୍ରମଗୁଡ଼ିକୁ ନେଇ 'ଡକ୍ୟୁମେଣ୍ଟେସନ ଅଫ୍ ଗୁଡ୍ ପ୍ରାକ୍ଟିସେସ୍' ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଓୟୁଏଟିର ପ୍ରମୁଖ ଗବେଷକ ଏବଂ ଏପିକୋଲର ଅଧିକାରୀ ଯୋଗଦେଇ ଓଡ଼ିଶାରେ ଜୈବିକ ମହୁମାଛି ଚାଷ, ଛେଳି ପାଳନ ଏବଂ କୃଷିଭିତ୍ତିକ ଶିଳ୍ପ ପାଇଁ ଥିବା ବିଭିନ୍ନ ସରକାରୀ ସହାୟତା ଓ ତାଲିମ ଯୋଜନା ବିଷୟରେ ସୂଚନା ଦେଇଥିଲେ ।

# ଫୁଲବାଣୀରେ ଡାକ୍ତରଙ୍କ ଏଗାର ଦଫା ଦାବିନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ: ରୋଗୀସେବା ବ୍ୟାହତ

କନ୍ଧମାଳ , ୦୩/୦୭ (ନି.ପ୍ର): ଓଡିଶାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ସରକାରୀ ଡାକ୍ତରଙ୍କ ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷା ଦେବାପାଇଁ ୧୦ ସୂତ୍ରୀ ଦାବିପତ୍ର ସହ ୧ ଜୁଲାଇ ୨୦୨୬ ଜାତୀୟ ଡାକ୍ତର ଦିବସରେ ରାଜ୍ୟବ୍ୟାପୀ ଓଡିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା), ତାର ପ୍ରତିବାଦକୁ ପୂର୍ଣ ସମର୍ଥନ ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି କ୍ରମରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ର ଡାକ୍ତର ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ମୁଖ୍ୟ ଦାବୀ ଗୁଡିକ ହେଲା : (ଓଏମ୍ ଏସ୍ ଏଚ୍) ଦରମା ଗଠନ ସଂଶୋଧନ ଏବଂ ସୁର- ୧୫ ପୂର୍ବ ସର୍ଭାବଳୀର ଉଚ୍ଛେଦ ସହିତ ଯୋଗ୍ୟତା ତାରିଖରୁ କେନ୍ଦ୍ରୀୟ (ଡିଏସିପି) ହାରରେ ଭତ୍ତା ପ୍ରଦାନ କରିବା, ସମସ୍ତ ଗ୍ରେଡ ପାଇଁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ମୂଳକ ସୁଯୋଗ ସୁନିଶ୍ଚିତ କରିବା ପାଇଁ କ୍ୟାଡର ପୁନର୍ଗଠନ କରିବା, (ଓଏମ୍ଏଚ୍ଏସ୍) କ୍ୟାଡର ଓ ଡେଣ୍ଟାଲ କ୍ୟାଡରଙ୍କ ପାଇଁ ସମାନ ସୁବିଧା ସହିତ ବିଶେଷଜ୍ଞ ସୁପର-ସ୍ପେଶାଲିଷ୍ଟ ଡିପ୍ଲୋମା ଧାରକ, ପ୍ରଶାସକ ଏବଂ ପୋଷ୍ଟମର୍ଟମ ଡ୍ୟୁଟି ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ ଦେବା, ନିର୍ଦ୍ଧାରିତ କାର୍ଯ୍ୟକାଳ ସମାପ୍ତ ହେବା ପରେ କେବିକେ, କେବିକେ+, ଏବଂ ଟି. ଏସ୍ ପି ଅଞ୍ଚଳରୁ ସମୟାନୁସାରେ ପ୍ରସ୍ଥାନ ସୁନିଶ୍ଚିତ କରୁଥିବା ଏକ ସ୍ୱଚ୍ଛ ଏବଂ ସମୟସୀମାବଦ୍ଧ ସ୍ଥାନାନ୍ତର ନୀତି । ଡିଏସିପି ର ସମ୍ପ୍ରସାରଣ, କ୍ୟାଡର ପୁନର୍ଗଠନ ଏବଂ ଡେଣ୍ଟାଲ କ୍ୟାଡରମାନଙ୍କୁ ସମାନ ପ୍ରୋତ୍ସାହନ। କ୍ୟାପିଟାଲ ହସପିଟାଲ- ପ୍ରତିଷ୍ଠା ସମେତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ କରିବା । ନିୟମିତ (ଓ ପି ଏସ୍ ସି) ନିଯୁକ୍ତି ଏବଂ ସମୟାନୁସାରେ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକ। ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାଗୁଡିକରେ ଦୃଢ ଆଇନଗତ ସୁରକ୍ଷା ଏବଂ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ଡାକ୍ତରମାନଙ୍କ ପାଇଁ ଉନ୍ନତ ସୁରକ୍ଷା ଏବଂ ନିରାପତ୍ତା ବ୍ୟବସ୍ଥା, ଆଡହକ ଡାକ୍ତରମାନଙ୍କୁ ନିୟମିତ କରିବା ଏବଂ (ଡି ଏ ସି ପି) ସୁବିଧା ଚୁକ୍ତିଭିତ୍ତିକ ଓ ଆଡହକ ଡାକ୍ତରଙ୍କୁ ପ୍ରଦାନ । ସମସ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ବୀମା କଭରେଜ । ଚୁକ୍ତିଭିତ୍ତିକ ଡାକ୍ତରଙ୍କ ମାସିକ ଦରମା ବୃଦ୍ଧି । ଏହି ଦାବିଗୁଡିକ ଯଥାର୍ଥ, ବହୁ ଦିନରୁ ପ୍ରତୀକ୍ଷିତ ତଥା ରାଜ୍ୟବ୍ୟାପୀ ସେବା ପ୍ରଦାନ ଏବଂ ଡାକ୍ତରମାନଙ୍କ ମନୋବଳକୁ ଉନ୍ନତ କରିବା ପାଇଁ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଣ ନିଶ୍ଚିତ କରିବତେଣୁ ଓମଶା ପକ୍ଷରୁ ସରକାରଙ୍କୁ ନିବେଦନ କରି ଦୀର୍ଘକାଳୀନ ସମସ୍ୟାଗୁଡିକୁ ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ଆଜି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଠାରେ କନ୍ଧମାଳ ଓମଶା ସଭାପତି ଡ଼ା. କଳ୍ପନା ଦଳେଇ ଓ ସମ୍ପାଦକ ଡ଼ା.ସୁନୀଲ ବେହେରା ଙ୍କ ନେତୃତ୍ୱ ରେ ସମସ୍ତ ଡାକ୍ତର କାର୍ଯ୍ୟ ବନ୍ଦ ଆନ୍ଦୋଳନ ୧.୭.୨୦୨୬ ଠାରୁ ଆରମ୍ଭ କରିଛନ୍ତି। ରୋଗୀସେବା ବ୍ୟାହତ ହେବାରୁ ମେଡିକାଲ କଲେଜ ର ଡାକ୍ତର ଓ କିଛି ଚୁକ୍ତି ଭିତିକ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ରେ ରୋଗୀ ସେବା ଯୋଗାଇ ଦେଉଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

# ରାସ୍ତା ନଥିବାରୁ ଯମଯନ୍ତ୍ରଣା ଭୋଗୁଛନ୍ତି କେନ୍ଦୁଗଡିଆ ଗ୍ରାମବାସୀ



ଖଇରା, ୦୩/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କେନ୍ଦୁଗଡିଆ ଗ୍ରାମକୁ ଭଲ ନିତିଦିନିଆ ରାସ୍ତା ଖଣ୍ଡେ ନଥିବାରୁ ୧୫ ପରିବାର ଯମଜନ୍ତ୍ରଣା ଭୋଗୁଛନ୍ତି । ସରକାର ଏବେ ବିକାଶକୁ ନେଇ ୨ବର୍ଷର ପୂର୍ତ୍ତୀ ଉତ୍ସବ ପାଳନ କରୁଥିବା ବେଳେ ପାଣିକାଦୁଅ ଘେରରେ ବସବାସ କରୁଥିବା ୫୦ ଗ୍ରାମବାସୀଙ୍କୁ ଯାତାୟାତ ଉପଯୋଗୀ ରାସ୍ତା ଖଣ୍ଡେର ବ୍ୟବସ୍ଥା କରିବାକୁ ଗ୍ରାମର ସୁଷମା ବିଶ୍ୱାଳ,ଶାନ୍ତିଲତା ଖଣ୍ଡା, ଦିଲ୍ଲିପ ବିଶ୍ୱାଳ ଓ ହରିହର ନାୟକ ଦାବି କରିଛନ୍ତି । ଅନ୍ୟଥା ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଗୋବିନ୍ଦପୁର ମୁଖ୍ୟରାସ୍ତାରୁ ଏହି ପଡାଗାଁର ଦୂରତା ପାଖାପାଖି ୧କିମି ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଭଲ ପକ୍କାରାସ୍ତାଟିଏ ନିର୍ମାଣ ହୋଇ ପାରିନାହିଁ । ଯାହା ଫଳରେ ବର୍ଷା ଋତୁ ଆସିଲେ ଗ୍ରାମବାସୀଙ୍କୁ ଖୁବ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ରାସ୍ତାର ଅନେକ ସ୍ଥାନରେ ପାଣିଜମି ରହୁଥିବାରୁ ବାଇକ ନେବା ସମ୍ଭବ ହେଉନଥିବାରୁ ଚାଲିଚାଲି ଯିବାକୁ ପଡିଥାଏ । ବିଶେଷ ଏହି ରାସ୍ତାରେ ଆମ୍ବୁଲାନ୍ସ ଯିବା ମୁସ୍କିଲ ହୋଇପଡିଥିବାରୁ ରୋଗୀଙ୍କୁ ଟେକି ଟେକି ଆଣିବାକୁ ପଡିଥାଏ । ଏ ସମ୍ପର୍କରେ ସରପଞ୍ଚ ରଶ୍ମିବାଳା ବେହେରାଙ୍କୁ ଯୋଗାଯୋଗ କରିବାରେ ସମିତି ବୈଠକରେ ଏହି ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଉତଥାପନ କରିସାରିଛନ୍ତି । ସରପଞ୍ଚ ଫଣ୍ଡ ରୁ ଅର୍ଥଦେବାକୁ ଇଛାଥିଲେ ମଧ୍ୟ ଏବେ ମୋରମ କିମ୍ବା ପାହାଡମାଟି ମିଳୁନଥିବାରୁ ମରାମତି କରାଯାଇ ପାରୁନାହିଁ । ବିଡିଓ ନାରାୟଣ ସାହୁଙ୍କୁ ଯୋଗାଯୋଗ କରିବାରେ ଟିମ ପଠାଇ ଅନୁଧ୍ୟାନ କରିବା ପରେ ଯଥାସମ୍ଭବ ମରାମତି ପାଇଁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

# କଳାକାର ଲକ୍ଷ୍ମୀଧର ସେଠୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା




ଭଦ୍ରକ , ୦୩/୭ (ନି.ପ୍ର): କଳାକାର ଲକ୍ଷ୍ମୀଧର ସେଠିଙ୍କର ଗତକାଲି ଭଦ୍ରକର ରାନ୍ଦିଆ ଠାରେ ବିୟୋଗ ହୋଇଛି । ଗତକାଲି ଗୁରୁବାର ତାଙ୍କର ମୃତ ଦେହକୁ ପୁରୀ ସ୍ଵର୍ଗ ଦ୍ଵାର ନିଆଯାଇ ସେଠାରେ ଶେଷ କୃତ୍ୟ କରାଯାଇଥିଲା । ସେ ଏକାଧାରରେ ଜଣେ, ସଂସ୍କୃତି ରକ୍ଷକ ଲୋକକଳା, କୀର୍ତ୍ତନ ଗାୟକ, ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦ ରାନ୍ଦିଆ ର ସକ୍ରିୟ ସଭ୍ୟ । ହଠାତ ହୃଦଘାତରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ଚାରଣ ସଭା ରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁ ଙ୍କର ସଭାପତିତ୍ୱ ରେ ଆଜି ଶୁକ୍ରବାର ସକାଳ ୯ ଘଟିକା ରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା, ସହ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ବାରିକ ଙ୍କ ମଂଚ ସଂଯୋଜନା, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ରାଉଳ,ଗଙ୍ଗାଧର ରାଉଳ, ଉପସଭାପତି ବସନ୍ତି କୁମାର ମହାପାତ୍ର,ବରିଷ୍ଠ ସଭ୍ୟ ଜୟନ୍ତ କୁମାର ବାରିକ ସୀମା ଚରଣ ସାହୁ ସମେତ ଦିବଙ୍ଗତ ଆତ୍ମାର ସଦ୍ ଗତି କାମନା କରାଯାଇଥିଲା । ସେ ସଦା ସର୍ବଦା, ବିମଳାମନ୍ଦିର, ପଦ୍ମାଳୟା ପିଠ, ଗୋପାଳ ଜୀଉ ଗୌଡୀୟ ମଠ, ଶିବ ମନ୍ଦିର, ତାରିଣୀ ମନ୍ଦିର ରାମ ମନ୍ଦିର,କୋରାଣ୍ଡ ସାଇ ମନ୍ଦିର, ଶ୍ରୀ ଚୈତନ୍ୟ ଆଶ୍ରମ, ଭଜନ କୀର୍ତନ , ଶ୍ରୀକୃଷ୍ଣ ରାସ୍ ରେ ସମୟ ଅତିବାହିତ କରୁଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଦେଶରୁ ଓଡ଼ିଶାକୁ ପୁଞ୍ଜି ...

ସେହିପରି ପାରାଦୀପ, କେନ୍ଦ୍ରାପଡ଼ା, ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡରର ବିକାଶ କରାଯାଉଛି । ଯାହା ଦ୍ୱାରା ଭାରତରେ ଇସ୍ପାତ ରାଜଧାନୀ ଓଡ଼ିଶା ହେବ । ଦେଢବର୍ଷ ଭିତରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି । ଓଡ଼ିଶା ସରକାର ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ହେଲେ ବଡ଼ ପ୍ରଶ୍ନ ହେଉଛି, ସରକାର ଶିଳ୍ପ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖାଉଛନ୍ତି । କିନ୍ତୁ ଏହାର ବାସ୍ତବ କାର୍ଯ୍ୟକାରୀ ମନ୍ଥର ଗତିରେ ଚାଲିଛି ।

## ଖାଇକୁ ଖସିଲା ...

ଓ ଅନ୍ୟ ପାଞ୍ଚ ଜଣ ଆହତ ହୋଇଥିଲେ । ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି । ବଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗ୍ ?ଟୀ ମଧ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହିତ ଆହତଙ୍କୁ ଡାକ୍ତରୀ ଚିକିତ୍ସା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମେଡିକାଲ୍ ଜରୁରୀକାଳୀନ ପ୍ରତିକ୍ରିୟା କେନ୍ଦ୍ର ଅନୁଯାୟୀ, ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରୁ ୪୦ ଟି ମୃତଦେହ ଉଦ୍ଧାର କରିଛି । ଆଠ ଜଣ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଝୋବ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଦୁର୍ଘଟଣାର କାରଣ ତଦନ୍ତ କରୁଛି ।

## ମୌସୁମୀ ବର୍ଷାରେ...

ପିଲାଙ୍କ ପାଠପଢ଼ାଠାରୁ ରୋଗୀଙ୍କ ଚିକିତ୍ସା ସବୁକିଛି ପ୍ରଭାବିତ ହୋଇଛି । କଟକ ବଡ଼ ଡାକ୍ତରଖାନା ପରିସରରେ ମଧ ବିଭିନ୍ନ ସ୍ଥାନରେ ପାଣି ଜମିରହୁଛି । ସେପଟେ ୨ରୁ ୩ ଘଣ୍ଟାର ବର୍ଷାରେ ସମ୍ବଲପୁରରେ ଡ୍ରେନ୍ ଉଛୁଳି ଗଳିରୁ ବସଷ୍ଟାଣ୍ଡ ଯାଏ ପାଣି ଜମିଛି । ପ୍ରତ୍ୟେକ ବର୍ଷ ମୌସୁମି ଆସୁଛି ଯାଉଛି, ପ୍ରଶାସନ ପ୍ରତିଶ୍ରୁତି ମଧ ଦେଉଛି । ହେଲେ ସାମାନ୍ୟ ବର୍ଷାରେ ଗାଁଠୁ ସହର ଉବୁଟୁବୁ ହେବା ସହ ବ୍ୟବସ୍ଥାର ସତ ପାଣିରେ ଭାସୁଛି ।

## ବାଲିଅନ୍ତା ସୌମ୍ୟ ହତ୍ୟା ...

ଚାରିଆଡୁ ଦାବି ପରେ ସୌମ୍ୟଙ୍କ ଘନିଷ୍ଠ ସାଙ୍ଗ ଓମ୍ ପ୍ରକାଶ ରାଉତଙ୍କ ହୋଇଛି ଲାଇ-ଡିଟେକ୍ସନ ବା ମିଛଧରା ପରୀକ୍ଷା । ରାଜ୍ୟ ଫରେନ୍ସିକ ସାଇନ୍ସ ଲାବୋରେଟୋରୀ ବା ଏସଏଫଏସଏଲ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ଓମ୍‌ଙ୍କର ହୋଇଛି ମିଛଧରା ପରୀକ୍ଷା । ଏହି ଟେଷ୍ଟ ପାଇଁ ପ୍ରଥମେ କ୍ରାଇମବ୍ରାଞ୍ଚ କୋର୍ଟରୁ ବିଧିବଦ୍ଧ ଭାବେ ଅନୁମତି ଆଣିଥିଲା । ଓମ୍ ସହମତି ଦେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶେଷଜ୍ଞଙ୍କ ଉପସ୍ଥିତିରେ ପ୍ରଶ୍ନ କରିଛି ତଦନ୍ତକାରୀ ଟିମ୍ । ଗତ ମେ’ ୭ ତାରିଖରେ ବାଲିଅନ୍ତା ଥାନା ଅଧୀନ ବେନୁପୁରଠାରେ ଘଟିଥିବା ସୌମ୍ୟ ଭିଡ଼ ହତ୍ୟାକୁ ଦୁଇମାସ ବିତିଛି । ଘଟଣାରେ ୨୦ ଜଣରୁ ଊର୍ଦ୍ଧ୍ୱ ଗିରଫ ହୋଇଛନ୍ତି । ଏମିତିକି ମାମଲାରେ ତତ୍କାଳୀନ ଆଇଆଇସି ଦୟାଳ ଗଙ୍ଗୱାର ସମେତ ଅନ୍ୟ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ହେଲେ ଏବେବି ପୀଡ଼ିତଙ୍କ ପରିବାରକୁ ନ୍ୟାୟ ମିଳିପାରିନି । ଘଟଣା ଘଟିବା ଦିନ ଠାରୁ ହିଁ ସୌମ୍ୟଙ୍କ ସାଥିରେ ଯାଇଥିବା ବନ୍ଧୁ ଓମ୍ ଉପରେ ସନ୍ଦେହ ପ୍ରକାଶ କରି ଆସୁଥିଲେ ସୌମ୍ୟଙ୍କ ମା’ । ଓମ୍ ସବୁ ସତ ଲୁଚାଉଥିବା ନେଇ ସେ ବାରମ୍ବାର ଗଣମାଧ୍ୟମ ଆଗରେ ଓ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ଏବେ ଓମ୍‌ର ମିଛଧରା ପରୀକ୍ଷା କରାଯାଉଥିବାରୁ, ହତ୍ୟାକାଣ୍ଡ ପଛର ଅସଲ ରହସ୍ୟ ଏବଂ ମୁଖ୍ୟ ସୂତ୍ରଧରର ପର୍ଦ୍ଦାଫାଶ ହେବ ବୋଲି ଆଶା ରଖିଛନ୍ତି ସୌମ୍ୟଙ୍କ ମା’ । ଏବେ ଦେଖିବାକୁ ବାକି ରହିଲା, ଲାଇ-ଡିଟେକ୍ସନ ଟେଷ୍ଟ ପରେ ଓମ୍‌ଙ୍କ ଠାରୁ କେଉଁ ସବୁ ସତ ଉଗାଳି ପାରୁଛି କ୍ରାଇମବ୍ରାଞ୍ଚ ।

## ଭୋଗରାଇରେ ଲେବର...

ସ୍ୱତନ୍ତ୍ର ଟିମ୍ ଭୋଗରାଇରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି । ଏହି ଦୁର୍ନୀତିରେ ସ୍ୱାସ୍ଥ୍ୟ ବିଭାଗର ଭୂମିକାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି । କାରଣ ଆଶା କର୍ମୀଙ୍କ ଯାଞ୍ଚ ରିପୋର୍ଟ ଆଧାରରେ ହିଁ ମେଡ଼ିକାଲ ଅଫିସର ମୃତ୍ୟୁ ପ୍ରମାଣପତ୍ର ଦେଇଥାନ୍ତି । ତେବେ ଏତେ ବଡ଼ ହେରଫେର ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପୂର୍ବରୁ ଅବଗତ ନଥିବା କହିଛନ୍ତି । ମୃତ୍ୟୁ ପ୍ରମାଣପତ୍ରରେ ଦସ୍ତଖତ କରିଥିବା ସ୍ଥାନୀୟ ମେଡିକାଲ ଅଫିସର ମଧ ଏ ବିଷୟରେ କିଛି ଜାଣିନଥିବା କହି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଛନ୍ତି । ଅନ୍ୟପକ୍ଷରେ ସାଂସଦ କହିଛନ୍ତି, ଗରିବ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଯେଉଁମାନେ ହରିଲୁଟ୍ କରିଛନ୍ତି, ସେମାନଙ୍କୁ ଆଦୌ ଛଡ଼ାଯିବ ନାହିଁ । ସେପଟେ ମୃତ୍ୟୁ ପରେ ବି କେମିତି ଜାଲ୍ ଲେବର କାର୍ଡ ପ୍ରସ୍ତୁତ କରାଯାଇପାରିବ, ସେନେଇ ଦଲାଲଙ୍କ ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଛି ।

## ଖାମନେଇଙ୍କ ଶେଷକୃତ୍ୟ...

ବର୍ତ୍ତମାନ ପରିସ୍ଥିତିରେ କୌଣସି ସୁରକ୍ଷା ବିପଦ ନେବା ଅନୁଚିତ ବୋଲି ବିବେଚନା କରାଯାଉଛି । ଖାମନେଇଙ୍କ ଶେଷକୃତ୍ୟ ପାଇଁ ତେହରାନ ସମେତ ଅନେକ ସହରରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରମୁଖ ରାସ୍ତା, ଧାର୍ମିକ ସ୍ଥଳ ଏବଂ ସାଧାରଣ ସ୍ଥାନରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ ଅଛନ୍ତି । ଆୟାତୋଲ୍ଲା ଖାମନେଇ ଇରାନ- ଆମେରିକା- ଇସ୍ରାଏଲ ଯୁଦ୍ଧ ଆରମ୍ଭରେ ଏୟାର ଷ୍ଟ୍ରାଇକରେ ଫେବୃଆରି ୨୮ରେ ପ୍ରାଣ ହରାଇଥିଲେ । କିନ୍ତୁ ଯୁଦ୍ଧ ଯୋଗୁ ଅନ୍ତିମ ସଂସ୍କାର ହୋଇପାରିନଥିଲା । ଏବେ ସ୍ଥିତିରେ ସୁଧାର ଆସିଥିବାରୁ ଅନ୍ତିମ ସଂସ୍କାର କରାଯିବ । ଇସଲାମିକ ପରମ୍ପରା ଅନୁସାରେ ମୃତଦେହକୁ ଶୀଘ୍ର କବର ଦେବା ଉପରେ ଗୁରୁତ୍ୱ ଦିଆଯାଏ । କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ଶୀଘ୍ର କବର ଦିଯାଇ ନପାରିବାରୁ ଖାମେନିଙ୍କ ମୃତଦେହ ସଂରକ୍ଷଣ କରିବା ପାଇଁ ରେଫ୍ରିଜରେଟେଡ୍ କୋଲ୍ଡ ଷ୍ଟୋରେଜ୍ ବ୍ୟବହାର କରାଯାଇଥିଲା ବୋଲି କୁହାଯାଉଛି । ବଙ୍କରରେ ଆକ୍ରମଣ ଯୋଗୁ ଖାମେନିଙ୍କ ସମ୍ପୂର୍ଣ୍ଣ ଶରୀର ହୁଏତ ମିଳି ନଥାଇପାରେ, କିନ୍ତୁ ଯାହା ମିଳିଛି, ତାକୁ ସଂରକ୍ଷିତ ରଖି ୪ ମାସ ପରେ କବର ଦେବାକୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ।

## ରାମ ମନ୍ଦିର ଦାନ...

ସେ ବିଜେପି ନେତା ଓ କର୍ମୀମାନଙ୍କୁ ସେମାନଙ୍କ ସହିତ ଆନ୍ଦୋଳନରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି । ମହାରାଷ୍ଟ୍ରର ସମସ୍ତ ରାମ ଓ ହନୁମାନ ମନ୍ଦିରର ନିକଟରେ ଆନ୍ଦୋଳନ କରାଯିବ ବୋଲି ଉଦ୍ଧବ କହିଛନ୍ତି । ଉଦ୍ଧବ କହିଛନ୍ତି, ଏହି ପ୍ରସଙ୍ଗରେ ମୁଁ ଆସନ୍ତା ସପ୍ତାହରେ କହିବି ଓ ମୁଁ ଅଯୋଧ୍ୟା ଯିବି । ଶିବସେନା ଏହାର ୬ ସାଂସଦ ଏକନାଥ ସିନ୍ଦେ ଗୋଷ୍ଠୀରେ ସାମିଲ ହେବାକୁ ନେଇ ବିଜେପି ଉପରେ ତୀବ୍ର ଅସନ୍ତୋଷ ଥିବାବେଳେ ରାମ ମନ୍ଦିର ଦାନ ଚୋରି ସେମାନଙ୍କ ହାତରେ ଏକ ପ୍ରସଙ୍ଗ ଆଣି ଦେଇଛି ।

# ରଥକନା ପ୍ରସ୍ତୁତି ଅନୁକୂଳ

ପୁରୀ, ୦୩/୭ (ନି.ପ୍ର): ଜୁଲାଇ ୧୬ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳାରେ ତିନିରଥ ନିର୍ମାଣ କାର୍ୟ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ତିନିରଥର ସୌନ୍ଦର୍ଯ୍ୟକରଣ ପାଇଁ ରଥକନା ଆଚ୍ଛାଦିତ କରାଯାଇଥାଏ । ଗୁରୁବାର ଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ତିନିରଥର କନା କାର୍ଯ୍ୟ ଆରମ୍ଭ ହୋଇଛି । ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ମହାପ୍ରଭୁଙ୍କ ମାଳ,ମାହାର୍ଦ୍ଦ , ଶ୍ରୀଫଳ ଭାଙ୍ଗିବା ସହ ଧୂପ ଦୀପ ଜଳାଇ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୋଇ ରଥକନା ପ୍ରସ୍ତୁତି କାର୍ଯ୍ୟ ଅନୁକୂଳ କରିଥିଲେ । ତିନି ରଥରେ ୧୨୫୦ ମିଟର କନା ଲାଗିଥାଏ । ଏଥିମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ନାଲି ଓ ହଳଦିଆ ରଙ୍ଗର ୪୨୫ ମିଟର କନା , ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ସବୁଜ ଓ ନାଲି ରଙ୍ଗର ୪୨୫ ମିଟର କନା ଏବଂ ଦେବୀ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ପାଇଁ କଳା ଓ ନାଲି ରଙ୍ଗର ୪୦୦ ମିଟର କନା ବ୍ୟବହୃତ ହୋଇଥାଏ ବୋଲି ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି । ମୁଖ୍ୟ ଦରଜି ସର୍ଦ୍ଦାରଙ୍କ ସମେତ ଅନ୍ୟ ଦରଜି ସେବକ ମାନେ ନିଷ୍ଠା ଶ୍ରଦ୍ଧା ଓ ଭକ୍ତିର ସହ ରଥକନା ପ୍ରସ୍ତୁତିରେ ନିମଗ୍ନ ଅଛନ୍ତି ।

# ପରିମଳ କଥା ପାଶୋରି ଯାଇଛନ୍ତି ନୀଳଗିରି ଚିକିତ୍ସାଳୟର କର୍ତ୍ତୃପକ୍ଷ



ନୀଳଗିରି , ୦୩/୭ (ନି.ପ୍ର): ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିକଟସ୍ଥ ତିନୋଟି ବ୍ଲକର ୨ଲକ୍ଷରୁ ଉର୍ଦ୍ଧ୍ୱଲୋକ ନିର୍ଭର କରନ୍ତି । ହେଲେ ଉକ୍ତ ଚିକିତ୍ସାଳୟରେ ସମସ୍ୟା ସମାପ୍ତ ହେବାର ନାଁ ଧରୁନି । ଡାକ୍ତରଖାନା ପକ୍ଷରୁ ଅନେକ ସମୟରେ ଲୋକମାନଙ୍କୁ ପରିମଳର ବାର୍ତ୍ତା ପ୍ରଦାନ କରାଯାଉଥିବା ବେଳେ ଖୋଦ ଉପଖଣ୍ଡ ଚିକିତ୍ସାଳୟର କର୍ତ୍ତୃପକ୍ଷ ଏବେ ପରିମଳ କଥା ପାଶୋରି ଯାଇଛନ୍ତି । ଉକ୍ତ ଡାକ୍ତରଖାନା ପରିସରରେ ରୋଗୀ ଏବଂ ସେମାନଙ୍କର ସହକାରୀଙ୍କ ପାଇଁ ନିର୍ମାଣ ହୋଇଛି ୮ଗୋଟି କ୍ୟାବିନ୍ । ତନ୍ମଧ୍ୟରୁ ନୀଳଗିରି ଟ୍ରକ ଆସୋସିଏସନ୍ ତରଫରୁ ୫ଗୋଟି କ୍ୟାବିନ୍ ନିର୍ମାଣ ହୋଇଥିବା ବେଳେ, ନୀଳଗିରିର ଠିକାଦାର ଗୋଷ୍ଠୀଙ୍କ ତରଫରୁ ୨ଗୋଟି ଏବଂ ଗୋଟିଏ କ୍ୟାବିନ୍ ତତ୍କାଳୀନ ଅବିଭାଜିତ ଭଦ୍ରକ ଓ ବାଲେଶ୍ୱର ଚ୍ୟାରିଟେବୁଲ୍ ଟ୍ରଷ୍ଟ ତରଫରୁ ନିର୍ମାଣ କରାଯାଇଥିଲା । ସେଥିମଧ୍ୟରୁ ୩ଗୋଟି କ୍ୟାବିନ ଏ.ସି ଯୁକ୍ତ ହୋଇଥିବା ବେଳେ ବାକି ୫ଟି କ୍ୟାବିନ୍ ଏ.ସି ବିହୀନ ଅଟେ । ଏ.ସି କ୍ୟାବିନଗୁଡିକ ୩ଶହ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏ. ସି ବିହୀନ କ୍ୟାବିନଗୁଡିକ ୨ଶହଟଙ୍କା ଧାର୍ଯ୍ୟ ହୋଇ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଛି । ହେଲେ ଉକ୍ତ କ୍ୟାବିନର ଚତୁଃପାର୍ଶ୍ୱରେ ଆଣ୍ଠୁଏ ଉଚ୍ଚର ଘାସ ଉଠିଥିଲେ ମଧ ସେଗୁଡିକୁ ସଫା କରାଯାଉନାହିଁ । ଫଳରେ କ୍ୟାବିନ୍‌ରେ ରହୁଥିବା ରୋଗୀମାନେ ଗୋଟିଏ ରୋଗରେ ପୀଡିତହୋଇ ଚିକିତ୍ସାପାଇଁ ଆସି ଏଠାରେ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗକୁ ପୁନଃଆମନ୍ତ୍ରଣ କରୁଛନ୍ତି । ରୋଗୀ ନୀଳଗିରି ଡାକ୍ତରଖାନାରେ ରୋଗ ଭଲହେବା ପରିବର୍ତ୍ତେ ରୋଗନେଇ ଘରକୁ ଫେରୁଥିବା କହିଛନ୍ତି ରୋଗୀଙ୍କ ସହାୟକ । ସେହିପରି ସଂକ୍ରାମକ ୱାର୍ଡ ନିକଟରେ ମଧ ସଫେଇ ଅଭାବରୁ ଚତୁଃପାର୍ଶ୍ୱ ଘାସମୟ ହେବାସହ ଘର ଗୁଡିକ ଉପରୁ ଲତା ମାଡିଗଲାଣି । ବର୍ଷାଦିନ ଆସୁଥିବାରୁ ସାପ ଓ ମଶାଙ୍କ ଭୟରେ ରୋଗୀମାନେ ରହୁଥିବାର ଦେଖିବାକୁ ମିଳିଛି । ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ଟାଟା ପାୱାର ଭିଜିଲାନ୍ସ ୟୁନିଟ ପକ୍ଷରୁ ଚଢ଼ାଉ



ବେତନଟୀ, ୦୩/୭ (ନି.ପ୍ର): ଆଜି ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ନଡପୁର, ନୂଆଗାଁ ଏବଂ ଶିଳପୁରିଆ ଅଞ୍ଚଳରେ ଟାଟା ପାୱାର ଭିଜିଲାନ୍ସ ୟୁନିଟ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି । ସୂଚନା ମୁତାବକ କିଛିମାସ ପୂର୍ବରୁ ନଡପୁର ଠାରେ ଟାଟାପାୱାର ଭିଜିଲାନ୍ସ ୟୁନିଟ ପକ୍ଷରୁ ଚଢ଼ାଉ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭିଜିଲାନ୍ସ ୟୁନିଟକୁ ନିରାଶ ହୋଇ ଫେରିବାକୁ ପଡିଥିଲା । ଏହାପରେ ଶୁକ୍ରବାର ଅପରାହ୍ନରେ ପୁନର୍ବାର ଭିଜିଲାନ୍ସ ୟୁନିଟ ପକ୍ଷରୁ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ନଡପୁର, ନୂଆଗାଁ ଏବଂ ଶିଳପୁରିଆ ଗାଁ ମାନଙ୍କରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ସର୍ଭିସ ଲାଇନ, ମିଟର ସମେତ ବିଦ୍ୟୁତ ସଂଯୋଗ ସମ୍ପର୍କିତ ବିଭିନ୍ନ ଦିଗକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିଲା । ଏଥିରେ ଟାଟା ପାୱାର ଭିଜିଲାନ୍ସ ୟୁନିଟ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଟାଟା ପାୱାର କର୍ମଚାରୀ ଉପସ୍ଥିତ ଥିଲେ ।

# ମହେନ୍ଦ୍ର ଅନ୍ନପୂର୍ଣ୍ଣା ମେମୋରିଆଲ ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୦୩/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ମାଟିପକା ଶଶଧର କ୍ଷୀରୋଦମଣି ଉଚ୍ଚ ବିଦ୍ୟାଳୟ ପରିସରରେ ମହେନ୍ଦ୍ର ଅନ୍ନପୂର୍ଣ୍ଣା ମେମୋରିଆଲ ଟେଲେଣ୍ଟ ସ୍କଲରସିପ ପ୍ରଦାନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ମେଧା ବୃତ୍ତି ପ୍ରଦାନ ଉତ୍ସବର ତୃତୀୟ ବର୍ଷର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଦାସ । ବାଲି ଖଣ୍ଡ ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ସଭାପତି ବସନ୍ତ ବେହେରା, ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ଜୟରାମ ବାରିକ, ଖେମପୁର କ୍ଲଷ୍ଟର ସି ଆର ସି ସି ମନୋଜ କୁମାର ଅଗସ୍ତି,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସବିତା ବିଶ୍ୱାଳ, ଆଲୁମୁନି ପ୍ରେସିଡେଣ୍ଟ ଅଭୟ କୁମାର ପୁହାଣ, ଏହି ଉତ୍ସବର ମୁଖ୍ୟ ଆୟୋଜକ ଶତ୍ରୁଘ୍ନ ବାରିକ୍, ମନ୍ମଥ କୁମାର ବାରିକ ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ମନଛୁଆଁ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ମୁଖ୍ୟ ଆୟୋଜକ ଶତ୍ରୁଘ୍ନ ବାରିକ୍ ଓ ମନ୍ମଥ ବାରିକ୍‌ଙ୍କ ପିତା ମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସହକାରୀ ଶିକ୍ଷୟତ୍ରୀ ସୁନିତା ସେଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କୁ ତିନି ହଜାର, ଦୁଇ ହଜାର ଓ ଏକ ହଜାର କରି ଆର୍ଥିକ ସହଯୋଗ ରାଶି ପ୍ରଦାନ କରାଯାଇଥିଲା ଓ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଭରତ ମଲ୍ଲିକ, ଶଶିକାନ୍ତ ପଲେଇ, ବିକର୍ତ୍ତନ ରଣା,ପୂର୍ଣ୍ଣଚନ୍ଦ୍ର ମଲ୍ଲିକ,କଲ୍ୟାଣୀ ବଳ,ଶାନ୍ତିଲତା ସୋରେନ, ବର୍ଷା ରାଣୀ ମଲ୍ଲିକ,ରଞ୍ଜିତା ବେହେରା, ପ୍ରଜ୍ଞା ପ୍ରଭାସିନୀ ବିଶ୍ୱାଳ, ବାସନ୍ତୀ ପଣ୍ଡା, ଚନ୍ଦ୍ର ଲେଖା ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କର ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ



ଜଳେଶ୍ୱର, ୦୩/୭ (ନି.ପ୍ର): ଓଡ଼ିଶାର ଜଣେ ଆଗ ଧାଡିର ବିଦ୍ୱାନ ପଣ୍ଡିତ ତଥା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମର ଗର୍ବ ଗୌରବ ତଥା ଶାସ୍ତ୍ରଜ୍ଞାନର ଦୀପଶିଖା,ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା,ଦେବଭାଷା,ସଂସ୍କୃତର ଜଣେ ମହାନ ସାଧକ,ପ୍ରଖ୍ୟାତ ସଂସ୍କୃତ ବିଶାରଦ,ଆମ ଅଞ୍ଚଳର ଚଳନ୍ତି ମୁକ୍ତି ମଣ୍ଡପର ବାର୍ତ୍ତା (ଭାଷ) ଦେବାରେ ଜଣେ ବରିଷ୍ଠ ବିଦ୍ୱାନ ପଣ୍ଡିତ,ଅସାଧାରଣ ବ୍ୟକ୍ତିତ୍ୱ,ଅଗାଧ ପାଣ୍ଡିତ୍ୟ,ସାରସ୍ୱତ ସାଧକ,ପ୍ରାକ୍ତନ ଅଧକ୍ଷ, ବେଦ,ଉପନିଷଦ,ବ୍ୟାକରଣ,ପୁରାଣ ଏବଂ ସନାତନ ସଂସ୍କୃତିର ପ୍ରଚାରକ ବିଦ୍ୱାନ ପଣ୍ଡିତ ରବି ନାରାୟଣ ରଥଶର୍ମାଙ୍କ ଗତ ୨୪ ତାରିଖରେ ମହାପ୍ରୟାଣ ଘଟିଥିଲା । ମହାପ୍ରୟାଣ କେବଳ ଏକ ବ୍ୟକ୍ତିତ୍ୱର ଅବସାନ ନୁହେଁ । ବରଂ ଜ୍ଞାନ ଏକ ବିରାଟ ଶୂନ୍ୟତା ତଥା ଏକ ବୃହତ ଅଧ୍ୟାୟର ପରିସମାପ୍ତି ହୋଇଛି । ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ପବିତ୍ର ଏକା ଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶାଳିକୋଠା ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ୯ ଘଟିକା ସମୟରେ ଶାଳୀକୋଠା ଗ୍ରାମସଭା,ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ,ଗ୍ରାମାଞ୍ଚଳ ବରିଷ୍ଠ ନାଗରୀକ ପରିଷଦ,ଜଳେଶ୍ୱର ସଂସ୍କୃତସଂଗୋଷ୍ଠୀ ତଥା ପରିବାରବର୍ଗ ଙ୍କ ଆୟୋଜନରେ ଶାଳୀକୋଠା ଗ୍ରାମର ଗ୍ରାମ ସଭାପତି ଗଣେଶ ଚନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ.ବିବେକାନନ୍ଦ ସାହୁଙ୍କ ସଞ୍ଚାଳନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ସଙ୍ଗୀତ ଗୁରୁ ପ୍ରମୋଦ କୁମାର ପଣ୍ଡା ଓ ଗୁରୁ ମହେଶ୍ୱର ପ୍ରଧାନ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ଗାନ କରିଥିଲେ । ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ,ପ୍ରାକ୍ତନ ଅଧକ୍ଷ ସୁଧାଂଶୁ ଶେଖର ପ୍ରଧାନ,ପ୍ରାକ୍ତନ ଅଧକ୍ଷ ବିପିନ ବିହାରୀ ବିଶ୍ୱାଳ,ସାରସ୍ୱତ ସାଧକ ବିଜୟ କୁମାର ଜେନା, କମଳ ଚକ୍ରବର୍ତ୍ତୀ,ସୁବର୍ଣ୍ଣଶ୍ରୀ ର ପ୍ରକାଶକ ଡ.କାଳିପଦ ପଣ୍ଡା, ଅବସର ପ୍ରାପ୍ତ ପ୍ରଫେସର ଆଲୋକ ଚନ୍ଦ୍ର ପ୍ରଧାନ, ଡ.ସୁକାନ୍ତ କୁମାର ଗିରି, ଅକ୍ଷୟ କୁମାର ପତି, ଅଧାପକ ବିଜୟ କୁମାର ବେହେରା, କପିଳେଶ୍ୱର ମହାନ୍ତି, ସମ୍ଭାବନା ପ୍ରକାଶନୀ ମୁଖ୍ୟ କବି ଡ.ଶ୍ରୀ କୁମାର,ଶିଶୁ ସାହିତ୍ୟକ ପୂର୍ଣ୍ଣଚନ୍ଦ୍ର ଓଝା,ସୁଶୀଲ ମାହାନା, ଝଡେଶ୍ୱର୍ ବ୍ରହ୍ମ,ସଞ୍ଜୟ କୁମାର ଦାଶ,କୁଞ୍ଜବିହାରୀ ପ୍ରଧାନ, ପଦ୍ମନାଭ ପ୍ରଧାନ,ଶରତ କୁମାର ପଣ୍ଡା,ତାରାପଦ ମାହାନ୍ତି,ଡ.ଅଜିତ କୁମାର ମହାନ୍ତି,ପଣ୍ଡିତ ଗୁରୁପ୍ରସାଦ ରାଉଳ,ରାଜେନ୍ଦ୍ର ଦାସ,ବସନ୍ତ ଦାସ,ଅଧାପକ ନିରଞ୍ଜନ ବେହେରା,କମଳା କାମିନୀ ଦେ,ପଣ୍ଡିତ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ,ଦେବ କୁମାର ନନ୍ଦୀ, ମନ୍ମଥ ଦାସ,ପ୍ରଦୀପ ମହାନ୍ତି, ମଧୁଛନ୍ଦା ମାହାନ୍ତି,ବସନ୍ତ ଦାସ,ବନ ବିହାରୀ ପ୍ରଧାନ, ଶଶୀକାନ୍ତ ପ୍ରଧାନ,ଭାସ୍କର ଚନ୍ଦ୍ର ପ୍ରଧାନ,ଅଧାପକ ଅମରେନ୍ଦ୍ର ଦାସ,ବିଜୟ କୁମାର ବେହେରା, ମୀନା କୁମାରୀ ପଣ୍ଡା,ଜନାର୍ଦ୍ଦନ ଦାସ,ପୁର୍ଣ୍ଣଚନ୍ଦ୍ର ପ୍ରଧାନ,କାର୍ତ୍ତୀକ ଚନ୍ଦ୍ର ଭୂୟାଁ,କେଶ୍ୱ ପରିଡ଼ା,ବିଜୟ ଜେନା, ଲେଲିନ କୁମାର ପ୍ରଧାନ, ସରୋଜ କୁମାର ପାଣିଗ୍ରାହୀ, ଶୁଶାନ୍ତ କୁମାର ଦାସ , ପ୍ରସନ୍ନ କୁମାର ଦାସ,ମଧୁସୁଦନ ଦତ୍ତ,ଶ୍ରୀକଣ୍ଠ ମାହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସମାରୋହରେ ସ୍ତ୍ରୀ ଶକୁନ୍ତଳା ରଥ,ଚାରି ପୁଅ ବୋହୂ,ଚାରି ଝିଅ,ଜ୍ୱାଇଁ ନାତି ନାତୁଣୀ ଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନା କରିଥିଲେ । ଇଂରାଜୀ ଅଧାପକ କାର୍ତ୍ତିକେଶ୍ୱର ପତ୍ର,ଅଧାପିକା ସୁଜାତା ରାଣୀ ପାତ୍ର,ଅଧାପକ ସମର ବହ୍ଲବ ସାହୁଙ୍କ ସହ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଶନିବାର, ଜୁଲାଇ ୦୪, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଶ୍ୟାମସୁନ୍ଦରପୁର ପଞ୍ଚାୟତ ବିକାଶ ଧାରା ଓଡିଶାସାରା : ବିଧାୟକଙ୍କ ତତ୍ତ୍ୱାବଧାନରେ ଖର୍ଚ୍ଚ ହୋଇଛି ୧କୋଟି ୬୬ଲକ୍ଷ

ଖଇରା, ୦୩/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ୨ବର୍ଷ ପୁର୍ତ୍ତୀ ଉତ୍ସବ ଶୁକ୍ରବାର ଦିନ ଗଣ୍ଡିବେଡ ପଞ୍ଚାୟତ ପଡିଆରେ ପାଳିତ ହୋଇ ଯାଇଛି । ଏଥିରେ ଭାଜପା ନେତୃବୃନ୍ଦ ୨ବର୍ଷର ହିସାବ ଓ ଉପଲବ୍ଧି ପଞ୍ଚାୟତର ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିଛନ୍ତି ।ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପ୍ରତି ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି । ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ୧କୋଟି ୬୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ । ଆଗାମୀ ଦିନରେ ମଧ୍ୟ ଏହି ପଞ୍ଚାୟତ ପ୍ରତି ତାଙ୍କର ଶୁଭଦୃଷ୍ଟି ରହିବ ବୋଲି ଉଲ୍ଲେଖ କରିଥିଲେ ।ପୁର୍ବତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ମହାକୁଡଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଯୁବନେତା ନିଳମାଧବ ପଣ୍ଡା ଓ ଅଣୁମାଧବ ପଣ୍ଡା,ଜିଲା ପରିଷଦ ସଭ୍ୟ ମାନସ ଦାଶ,ଭାଜପା ନେତା ବାବାଜୀ ମହାନ୍ତି ପ୍ରମୁଖ ଏବେକାର ସରକାରଙ୍କ ସମୟରେ କରାଯାଇଥିବା ଉନ୍ନତିମୁଳକ କାର୍ଯ୍ୟଉପରେ ଆଲୋକପାତ




କରିଥିଲେ । ଅକ୍ଷୟ କୁମାର ଦାସ ଅତିଥି ପରିଚୟ ଓ ବୁଦ୍ଧିରାମ ବୁଗୁଡାଇ ଏବଂ ଶ୍ରୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଫ୍ରେଣ୍ଡଲି ଯୋଗ କ୍ଲବ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ




ପାରାଦୀପ, ୦୩/୭ (ନି.ପ୍ର): ଧୁବନ ସ୍ଥିତ କପିଳମୁନି ଆଶ୍ରମ ପରିସରରେ ଫ୍ରେଣ୍ଡଲି ଯୋଗ କ୍ଲବ,ପାରାଦୀପ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ବିଭୂତି ଭୂଷଣ ସାହୁ(ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ କ୍ଲବର ସମସ୍ତ ସଦସ୍ୟ ଏବଂ ସେମାନଙ୍କର ପରିବାରବର୍ଗ ଯୋଗ ଦେଇଥିଲେ। କ୍ଲବର ସଦସ୍ୟ ଏବଂ ସେମାନଙ୍କର ପରିବାରବର୍ଗ ମଧ୍ୟରେ ଭାଇଚାରା ସମ୍ପର୍କ ସୃଷ୍ଟି ହେବା ସହ ଭାବର ଆଦାନ ପ୍ରଦାନ କରିଥିଲେ । ସମସ୍ତେ ସମସ୍ତଙ୍କ ପରିବାର ସହିତ ମିଶିବାର ସୁଯୋଗ ସୃଷ୍ଟି ହୋଇଥିଲା। ଏହି ଅବସରରେ ଯୋଗ ପରିବାର ତରଫରୁ କପିଳମୁନି ଆଶ୍ରମର ତତ୍ତ୍ୱାବଧାରକ ଦୁଇଜଣ ସାଧୁ ସନ୍ଥ ନାରାୟଣ ମିଶ୍ର ଏବଂ ସନ୍ଥ ମାନସ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଥ ମାନେ ଯୋଗ ପରିବାରର ସମସ୍ତ ସଦସ୍ୟ ମାନଙ୍କୁ ଆଶୀର୍ବାଦ କରିବା ସହ କ୍ଲବ ର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଫ୍ରେଣ୍ଡଲି ଯୋଗ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଗଡଦେଉଳିଆ ବିଦେଶୀ ମଦ ଦୋକାନ ମାମଲା: ଥାନାରେ ବିଚାର ବିମର୍ଷ

ବୈଶିଙ୍ଗା , ୦୩/୭ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆଠାରେ ବିଦେଶୀ ଚିପି ବନ୍ଦ ମଦ ଦୋକାନ ନୂତନ ଲାଇସେନ୍ସ ଧାରୀ ଅଜିତ ସିଂହ ଗତ ଜୁନ୍ ୧ ତାରିଖ ଠାରୁ ବିକ୍ରୀ ପାଇଁ ଲାଇସେନ୍ସ ପାଇଥିଲେ । ଆବଶ୍ୟକ ଡକ୍ୟୁମେଣ୍ଟ ପରେ ଜୁଲାଇ ୨ ତାରିଖରେ ଖୋଲିବାକୁ ଆସିଥିବା ବେଳେ ଶତାଧିକ ମହିଳା ରାସ୍ତା ଅବରୋଧ କରି ଦୋକାନ ଖୋଲିବାକୁ ଦେଇ ନଥିଲେ । ଖବର ପାଇ ବୈଶିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରି ଶୁକ୍ରବାର ବୈଶିଙ୍ଗା ଥାନାରେ ବିଚାର ବିମର୍ଷ ପରେ ଖୋଲାଯିବାର ସିଦ୍ଧାନ୍ତ ନିଆ ଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅବକାରୀ ଏସ ଆଇ ପ୍ରଦୀପ ବେହେରା, ବୈଶିଙ୍ଗା ଆଇଆଇସି ବାରିଣି ଦାସଙ୍କ ଉପସ୍ଥିତିରେ ଗଡଦେଉଳିଆ ସରପଞ୍ଚ ଓ ଗ୍ରାମବାସୀ ଏବଂ ଲାଇସେନ୍ସ ଧାରୀଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟା ବିଚାର ବିମର୍ଷ ପରେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ପୂର୍ବରୁ ଥିବା ମଦ ଦୋକାନଟି ଯେଉଁ ସ୍ଥାନରେ ଚାଲିଥିଲା ତାହାକୁ ବିରୋଧ କରି ମହିଳା ନେତ୍ରୀ ମାଧବୀ ସେନାପତିଙ୍କ ନେତୃତ୍ୱରେ ସେଠାରେ ମଦ ଦୋକାନ ବନ୍ଦ ପାଇଁ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଥିଲେ । ଆଜିର ଆଲୋଚନା ରେ ଜିଲ୍ଲାପାଳ ଦେଇଥିବା ପ୍ରତିଶୃତି ମଧ୍ୟ ଆଲୋଚନା ହୋଇଥିଲା । ଉଭୟ ପକ୍ଷଙ୍କ ଚୁକ୍ତି ଅନୁଯାଇ ୧୫ ଦିନ ଭିତରେ ଅନ୍ୟତ୍ର ଠିପି ବନ୍ଦ ମଦ ଦୋକାନ ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ବିବାଦିତ ସ୍ଥାନରେ ଖୋଲା ବିକ୍ରି କରି ପାରିବେ ନାହିଁ ।

## ମୟୂରଭଞ୍ଜରେ ଜନଗଣନା-୨୦୨୭ର ପ୍ରାକ୍ ପରୀକ୍ଷଣ ପ୍ରଶିକ୍ଷଣ ଆରମ୍ଭ




ବାରିପଦା, ୦୩/୭ (ନି.ପ୍ର): ଜନଗଣନା-୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ଜନ ଗଣନା ପ୍ରାକ୍ ପରୀକ୍ଷଣ ନିମନ୍ତେ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ୧ ଜୁଲାଇରୁ ୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶକ ଡ଼. ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଶ୍ରୀ ସୁଜିତ କୁମାର ପ୍ରଧାନ ଓ ଶ୍ରୀ ଉମାକାନ୍ତ ସାହୁ, ଠାକୁରମୁଣ୍ଡା ତହସିଲଦାର-ତଥା -ଚାର୍ଜ ଅଫିସର ଶ୍ରୀ ସମ୍ବିତ କୁମାର କର, ମୟୂରଭଞ୍ଜର ଉପ ଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରାଇ ଏବଂ ତିନିଜଣ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ୍-୨) ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନା କରୁଛନ୍ତି। ପ୍ରଶିକ୍ଷଣ ସମୟରେ ଶ୍ରୀ ଦୁଃଖବନ୍ଧୁ ନାୟକ ଅତିରିକ୍ତ ଜିଲ୍ଲାପାଳ-ତଥା -ଜିଲ୍ଲା ଜଣ ଗଣନା ଅଧିକାରୀ, ମୟୂରଭଞ୍ଜ ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରି ଜନ ଗଣନା ପ୍ରାକ୍ ପରୀକ୍ଷଣର ପ୍ରସ୍ତୁତି ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ। ଠାକୁରମୁଣ୍ଡା ଚାର୍ଜ ଅଧୀନରେ ୨୯ଟି ଗଣନା ବ୍ଲକ୍ ପ୍ରାକ୍ ପରୀକ୍ଷଣ ପାଇଁ ଚୟନ କରାଯାଇଛି। ଏହି ପ୍ରଶିକ୍ଷଣରେ ୬ ଜଣ ସୁପରଭାଇଜର ଓ ୩୧ ଜଣ ଗଣନାକାରୀ ଅଂଶଗ୍ରହଣ କରି ଜନସଂଖ୍ୟା ଗଣନା ପ୍ରାକ୍ ପରୀକ୍ଷଣର ଧାରଣା, ପ୍ରକ୍ରିୟା ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ପୂର୍ବପରୀକ୍ଷଣ କାର୍ଯ୍ୟସୂଚୀ ଅନୁଯାୟୀ ୧ ଜୁଲାଇରୁ ୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସ୍ୱୟଂ-ଗଣନା ପର୍ଯ୍ୟାୟ ଚାଲିବ। ଏହା ପରେ ୬ ଜୁଲାଇରୁ ୧୮ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଘରକୁ ଘର ଯାଇ ଜନସଂଖ୍ୟା ଗଣନା କରାଯିବ। ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ୧୯ ଜୁଲାଇରୁ ୨୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସଂଶୋଧନ ପର୍ଯ୍ୟାୟ ମାଧ୍ୟମରେ ଆବଶ୍ୟକ ସ୍ଥଳରେ ତଥ୍ୟର ଯାଞ୍ଚ ଓ ଅଦ୍ୟତନ କରାଯିବ। ଏହି ପ୍ରାକ୍ ପରୀକ୍ଷଣ ଜନଗଣନା-୨୦୨୭ର ସଫଳ ରୂପାୟଣ ପାଇଁ କ୍ଷେତ୍ରସ୍ତରରେ ପ୍ରକ୍ରିୟା, ପ୍ରଶ୍ନାବଳୀ ଏବଂ ଡିଜିଟାଲ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ପରୀକ୍ଷା କରିବାରେ ସହାୟକ ହେବ।

## ବଙ୍ଗିଦା ପଞ୍ଚାୟତର ୭ ନମ୍ବର ୱାର୍ଡ ରାସ୍ତାର ଦୁର୍ଦ୍ଦଶା: ଅସନ୍ତୋଷରେ ଗ୍ରାମବାସୀ

ଖୋର୍ଦ୍ଧା, ୦୩/୭ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବଙ୍ଗିଦା ଗ୍ରାମ ପଞ୍ଚାୟତର ୭ ନମ୍ବର ୱାର୍ଡର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଖୋର୍ଦ୍ଧା ବ୍ଲକ ମୁଖ୍ୟାଳୟରୁ ମାତ୍ର ୭ରୁ ୮ କିଲୋମିଟର ଦୂରରେ ଥିବା ଏହି ରାସ୍ତାଟି । ଏହି ପଞ୍ଚାୟତରେ ପାଣି, ରାସ୍ତା, ଭତ୍ତା ଓ ରାସନ ଭଳି ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷ କରି ୭ ନମ୍ବର ୱାର୍ଡର ସାହି ଭିତର ରାସ୍ତା ବର୍ଷାଦିନେ ପଙ୍କ ଓ କାଦୁଅରେ ଭରି ଯାଇ କୃତ୍ରିମ ସରୋବରର ରୂପ ନେଉଛି । ଫଳରେ ଛୋଟ ଛୁଆଙ୍କଠାରୁ ବୟସ୍କ ଲୋକ ପର୍ଯ୍ୟନ୍ତ ଦୈନନ୍ଦିନ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାଦୁଅ ରାସ୍ତାରେ ଗୋଡ଼ ଖସି ପଡ଼ି ଅନେକେ ଆହତ ହେଉଥିବା ଅଭିଯୋଗ ମଧ୍ୟ ହୋଇଛି। ଏହି ରାସ୍ତାଟି ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାଲୁଙ୍ଗେଶ୍ୱର ମନ୍ଦିର ପର୍ଯ୍ୟନ୍ତ ସାହି ଭିତର ଦେଇ ସଂଯୋଗ ସ୍ଥାପନ କରିଥାଏ। ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାତାୟାତ କରୁଥିବା ବେଳେ ଗ୍ରାମବାସୀ ଓ କୃଷକମାନେ ମଧ୍ୟ ନିଜ ନିତ୍ୟକର୍ମ ଏବଂ ଚାଷଜମିକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ। ଗ୍ରାମବାସୀଙ୍କ କହିବା ଅନୁସାରେ, ସାହିର କ୍ଲବ ଘର ନିକଟରେ ଏକ ନୂତନ ଡ୍ରେନ ନିର୍ମାଣ ହେବା ପରଠାରୁ ଏହି ସମସ୍ୟା ଅଧିକ ବଢ଼ିଛି। ଡ୍ରେନଟି ରାସ୍ତାଠାରୁ ଉଚ୍ଚରେ ନିର୍ମାଣ ହୋଇଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ ଏବଂ ରାସ୍ତା ଉପରେ ପାଣି ଓ ପଙ୍କ ଜମି ରହୁଛି। ଅନ୍ୟପଟେ, ପଞ୍ଚାୟତରେ ନିୟମିତ ଗ୍ରାମସଭା ହେଉନଥିବା କିମ୍ବା ହେଲେ ମଧ୍ୟ ସାଧାରଣ ଲୋକଙ୍କୁ ସୂଚନା ଦିଆଯାଉନଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ନେଇ ଗ୍ରାମସଭା କରାଯାଉଥିବା ବେଳେ ସାଧାରଣ ଗ୍ରାମବାସୀଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନଥିବା ସେମାନେ କହିଛନ୍ତି। ତେଣୁ ଗ୍ରାମବାସୀମାନେ ସରକାର ଏବଂ ଜିଲ୍ଲା ପ୍ରଶାସନଙ୍କ ନିକଟରେ ବଙ୍ଗିଦା ଗ୍ରାମ ପଞ୍ଚାୟତର ସମସ୍ତ ଜରାଜୀର୍ଣ୍ଣ ରାସ୍ତା, ବିଶେଷ କରି ୭ ନମ୍ବର ୱାର୍ଡର ସାହି ଭିତର ରାସ୍ତାର ତୁରନ୍ତ ମରାମତି ଓ ନୂତନ ନିର୍ମାଣ ପାଇଁ ଦାବି କରିଛନ୍ତି। ସେହିପରି ଡ୍ରେନେଜ୍ ବ୍ୟବସ୍ଥାର ତ୍ରୁଟି ସୁଧାରି ସ୍ଥାୟୀ ସମାଧାନ କରିବାକୁ ମଧ୍ୟ ଅନୁରୋଧ ।

## ଭାରସାମ୍ୟ ହରାଇ କଣ୍ଟେନେରକୁ ପଛପଟୁ ଧକ୍କା ଦେଲା ସ୍କୁଟି

ବସ୍ତା , ୦୩/୭ (ନି.ପ୍ର): ଭାରସାମ୍ୟ ହରାଇ କଣ୍ଟେନରକୁ ପଛପଟୁ ଧକ୍କା ଦେଲା ସ୍କୁଟି,ଘଟଣା ସ୍ଥଳରେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି, ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ର ବାଘ ବଜାର ଛକ ରେ ଘଟିଛି ଦୁର୍ଘଟଣା, ବସ୍ତା ଥାନା ଅନ୍ତର୍ଗତ ଚକ୍ରଡା ଅଞ୍ଚଳର ଜନୈକ ଯୁବକ ସ୍କୁଟି ନେଇ ବାଲେଶ୍ୱର ଅଭି ମୁଖେ ଯାଉଥିବା ବେଳେ ବାଘ ବଜାର ଛକ ରେ ଭାରସାମ୍ୟ ହରାଇ ଏକ କଣ୍ଟେନରକୁ ପଛପଟୁ ଧକ୍କା ଦେଇଥିଲେ,ଖବର ପାଇ ବସ୍ତା ପୋଲିସ ଏବଂ ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ଳୟକୁ ପଠାଇ ଥିଲେ।

## ଯାତ୍ରୀବାହୀ ବସକୁ ପଛପଟୁ ଧକ୍କା ଦେଲା ଟ୍ରକ: ଅଳ୍ପକେ ବର୍ତ୍ତିଲେ ୩୭ ଯାତ୍ରୀ

ବସ୍ତା, ୦୩/୭ (ନି.ପ୍ର): ଘରୋଇ ଯାତ୍ରୀ ବାହୀ ବସ କୁ ପଛ ପଟୁ ଧକ୍କା ଦେଲା ଟ୍ରକ,ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୩୭ ଯାତ୍ରୀ,ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଇନ୍ଦିରାଛକ ନିକଟରେ ଘଟିଛି ଦୁର୍ଘଟଣା, ସୂଚନା ଅନୁଯାୟୀ ସନିଦେବ ନାମକ ଏକ ଘରୋଇ ବସ ୩୭ ଜଣ ଯାତ୍ରୀ ନେଇ ବାଲେଶ୍ୱର ରୁ ଚନ୍ଦନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଇନ୍ଦିରା ଛକ ନିକଟରେ ପଛପଟୁ ଆସୁଥିବା ଏକ ଟ୍ରକ ବସକୁ ଧକ୍କା ଦେଇଥିଲା,ଦୁର୍ଘଟଣାରେ ବସର ପଛ ପଟ ଭାଙ୍ଗି ଯାଇ ଥିବା ବେଳେ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ୩୭ ଯାତ୍ରୀ,ଖବର ପାଇ ଘଟଣା ସ୍ଥଳରେ ବସ୍ତା ପୋଲିସ ପହଞ୍ଚି ଯାତ୍ରୀ ମାନଙ୍କୁ ଅନ୍ୟ ଏକ ବସରେ ଗନ୍ତବ୍ୟ ସ୍ଥଳକୁ ପଠାଇବା ସହ ଦୁଇଟି ଗାଡି ଜବଦ କରି ଅଧିକ ତଦନ୍ତ ଜାରି ରଖିଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଭଦ୍ରକ ପକ୍ଷରୁ ବନମହୋତ୍ସବ ପାଳିତ



ଭଦ୍ରକ, ୦୩/୭ (ନି.ପ୍ର): ଭଦ୍ରକ ଜିଲ୍ଲା ନ୍ୟାୟଳୟ ଭଦ୍ରକର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ପୌରହିତ୍ୟରେ କ୍ଷେତ୍ରବାସୀ ଉଚ୍ଚବିଦ୍ୟାଳୟ, ଚୁନିଦା ପରିସରରେ ବନମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ପ୍ରଭାତ କୁମାର ରାଜଗୁରୁ, ବିଚାରପତି ପରିବାର ଅଦାଲତ ଶ୍ରୀ ଅରବିନ୍ଦ ରଥ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-ତଥା- ସ୍ୱତନ୍ତ୍ର ବିଚାରପତି (ପୋକସୋ) ଶ୍ରୀ ବିକାଶ ଚନ୍ଦ୍ର ଦେ, ଅସ୍ଥାୟୀ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ( ଏଫ୍ ଟି ଏସ୍ ସି) ମିନତି କୁମାରୀ ପଣ୍ଡା, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା), ଭଦ୍ରକ ଅଧକ୍ଷ ଶ୍ରୀ ବିଜୟ କୁମାର ପାତ୍ର, ତଥା ସମସ୍ତ ବିଚାରପତି ବୃନ୍ଦ, ବନବିଭାଗ ଅଧିକାରୀ, ଶ୍ରୀ ଅରୁଣ କୁମାର ବିଶ୍ୱାଳଙ୍କ ସମେତ ବନ୍ୟ ପ୍ରାଣୀ ବିଭାଗର କର୍ମୀଗଣ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଭଦ୍ରକ ଶ୍ରୀ ଅଂଶୁମାନ ଦ୍ୱିବେଦୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଭୀମ ଚରଣ ପରିଡା, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ, ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିନକୁ ଦିନ ତାପ ମାତ୍ରା ବୃଦ୍ଧି ପାଉଥିବାରୁ ଜଳବାୟୁରେ ଅନିୟମିତତା ଦେଖାଯାଉଛି । ତେଣୁ ତାପମାତ୍ରାକୁ ହ୍ରାସ କରିବା ନିମିତ୍ତ ବହୁଳ ପରିମାଣରେ ବୃକ୍ଷ ରୋପଣ କରାଯିବା ଉଚିତ । ଛାତ୍ରଛାତ୍ରୀ ମାନଙ୍କୁ ବାର୍ତ୍ତା ଯେ 'ଆଜି ଗୋଟିଏ ଗଛ ଲଗାଇବା, କାଲିକୁ ହଜାରେ ହସ ସାଇତିବା' ତେଣୁ ଗଛଟିଏ ଲଗାଇ ପୃଥିବୀକୁ ସବୁଜ ଓ ସୁସ୍ଥ ରଖିବା ପାଇଁ ପ୍ରୟାସ ଜାରି ରଖିବା । ଏହି ବନ ମହୋତ୍ସବ ଜରିଆରେ ଲୋକମାନଙ୍କ ମଧ୍ୟରେ ବୃକ୍ଷ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱର ଉଷ୍ଣତା ରୋକିବା ଏବଂ ପ୍ରଦୂଷଣ ହ୍ରାସ କରିବାର ସର୍ବୋତ୍ତମ ଉପାୟ ମଧ୍ୟରୁ ଗୋଟିଏ ଭାବରେ ବୃକ୍ଷ ରୋପଣ ଏବଂ ଏହାର ଯତ୍ନର ଆବଶ୍ୟକତା ରହିଛି।

## ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିବେଦନ କ୍ରମେ ଆନ୍ଦୋଳନ ପ୍ରତ୍ୟାହୃତ କଲା ରାଜ୍ୟ ଡାକ୍ତର ସଂଘ ଓମସା

ବାଲେଶ୍ୱର, ୦୩/୭ (ନି.ପ୍ର): ଗତ ଦୁଇ ଦିନ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡାକ୍ତର ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିଲେ। ଆଜି ବାଲେଶ୍ୱର ପହଞ୍ଚିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଥିଲେ। ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସିଥିବା ଶତାଧିକ ଡାକ୍ତରଙ୍କ ନିକଟକୁ ଯାଇ, ଡଗଝଇ ର ସଭାପତି, ସାଧାରଣ ସମ୍ପାଦକ ଏବଂ ଅନ୍ୟାନ୍ୟ ଡାକ୍ତରମାନଙ୍କ ସହ ବିସ୍ତୃତ ଆଲୋଚନା କରି ସେମାନଙ୍କ ଦାବି ସମ୍ପର୍କରେ ମାନ୍ୟବର ମନ୍ତ୍ରୀଙ୍କୁ ସିଧାସଳଖ ଅବଗତ କରାଇଥିଲେ, ଏବଂ




ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ,ଏହା ପରେ ମନ୍ତ୍ରୀ ସକାରାତ୍ମକ ମନୋଭାବ ପ୍ରଦର୍ଶନ କରି ସମସ୍ତ ଦାବି ଉପରେ ଆଲୋଚନା ଓ ବିଚାର କରିବାକୁ ଆସନ୍ତାକାଲି ୪ଜୁଲାଇ ଦିନ ୧୧.୩୦ ସମୟ ଧାର୍ଯ୍ୟ କରି ମନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଆଲୋଚନା ପାଇଁ ଡଗଝଇ ସଂଘ ର ଅଧିକାରୀ ଙ୍କୁ ଅବଗତ କରାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ମଧ୍ୟ ଏକ ପତ୍ର ମାଧ୍ୟମରେ ଓମସାର କର୍ମକର୍ତ୍ତାମାନଙ୍କୁ ସେମାନଙ୍କ ଦାବିଗୁଡ଼ିକ ଉପରେ ଆଲୋଚନା କରାଯିବ ବୋଲି ଅବଗତ କରାଇଥିଲେ। ଧାରଣା ସ୍ଥଳକୁ ରେମୁଣାର ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ମାନାସ ଦତ୍ତ, ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଡାକ୍ତର ମାନଙ୍କୁ ଧାରଣା ପ୍ରତ୍ୟାହାର କରି ନିଜ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ ସାଂସଦ ଶ୍ରୀ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଆଶ୍ୱାସନ ଓ ପତ୍ରକୁ ସମ୍ମାନ ଜଣାଇ ଡାକ୍ତରବନ୍ଧୁମାନେ ଧାରଣା ପ୍ରତ୍ୟାହାର କରି ପୁନର୍ବାର ସେବାରେ ଯୋଗଦେଇଥିଲେ, ଏହି ସକାରାତ୍ମକ ପଦକ୍ଷେପ ପାଇଁ ଶ୍ରୀ ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ, ଓମସାର କର୍ମକର୍ତ୍ତା ଓ ସମସ୍ତ ଡାକ୍ତରବନ୍ଧୁଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ । ରୋଗୀ ସେବା ଆମ ସମସ୍ତଙ୍କର ସର୍ବୋଚ୍ଚ ପ୍ରାଥମିକତା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦାବି ଉପସ୍ଥାପନ ଏବଂ ଆନ୍ଦୋଳନ କରିବା ସମସ୍ତଙ୍କର ଅଧିକାର, କିନ୍ତୁ ସାଧାରଣ ଲୋକ ଓ ରୋଗୀମାନଙ୍କୁ ଅସୁବିଧାରେ ପକାଇ କୌଣସି ଆନ୍ଦୋଳନ କରିବା କଦାପି କାମ୍ୟ ନୁହେଁ। ଆଲୋଚନା ଓ ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ ହେବା ହିଁ ଗଣତନ୍ତ୍ରର ପ୍ରକୃତ ସୌନ୍ଦର୍ଯ୍ୟ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲିଥିବା ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାରୁ ମୁଁ ସମସ୍ତଙ୍କୁ ପୁନର୍ବାର ଧନ୍ୟବାଦ ଥିଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ।

## ନୀଳଗିରି ବାର ଆସୋସିଏସନ୍ ତରଫରୁ ଆଇନଜୀବି ସ୍ୱର୍ଗତ ଚିତ୍ତରଞ୍ଜନ ଚୌଧୁରୀଙ୍କ ପରିବାରଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା

ନୀଳଗିରି , ୦୩/୭ (ନି.ପ୍ର): ଗତ ଜୁଲାଇ ୧ତାରିଖ ବୁଧବାର ନୀଳଗିରି ଅଞ୍ଚଳର ବରିଷ୍ଠ ରାଜନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଚୌଧୁରୀଙ୍କ ପରଲୋକ ହୋଇଯାଉଛି। ଜଣେ ରାଜନେତା ସହିତ ସରକାରୀ ଓକିଲଭାବେ ନୀଳଗିରି ସମେତ ବାଲେଶ୍ୱର ଜିଲ୍ଲାରେ ବେଶ୍ ସୁପରିଚିତ ସ୍ୱର୍ଗତ ଚୌଧୁରୀଙ୍କ ସ୍ମୃତିରେ ନୀଳଗିରି ଓକିଲସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା। ଏଥିରେ ସଂଘର ସଭାପତି ମିହିର ରାଉତଙ୍କ ସଭାପତିତ୍ୱରେ ସମସ୍ତ ଆଇନଜୀବୀ ଉପସ୍ଥିତରହି ସ୍ୱର୍ଗତ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ୨ମିନିଟର ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସ୍ୱର୍ଗତ ଚୌଧୁରୀ ଉକ୍ତ ସଂଘର ସକ୍ରିୟସଦସ୍ୟ ଥିବାରୁ ତାଙ୍କ ଆବର୍ତ୍ତମାନରେ ଆଜି ସଂଘର ସଭାପତି ମିହିର କୁମାର ରାଉତ, ସମ୍ପାଦକ ଶୁଭେନ୍ଦ୍ର କୁମାର ବିଶ୍ୱାଳ ଏବଂ ବରିଷ୍ଠ ଆଇନଜୀବୀ ନିହାରରଞ୍ଜନ ପରିଡ଼ା ସ୍ୱର୍ଗତ ଚୌଧୁରୀଙ୍କ ନରଣପୁରସ୍ଥ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ ସଂଘ ତରଫରୁ ତାଙ୍କର ବିଧବାପତ୍ନୀ ସୁକାନ୍ତି ଚୌଧୁରୀଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida